ଧରିତ୍ରୀ
DHARITRI
February 2-8, 2025 ₹ 2/-
ଧରିତ୍ରୀ DHARITRI 51 Years
ଛୁଟିଦିନ



## କୁମ୍ଭମେଳାରେ

# ଭାଇରାଲ ବାବା

ଆସ୍ଥା, ବିଶ୍ୱାସ ଓ ଧର୍ମୀୟ ଭାବନା ଭିତରେ ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଅପୂର୍ବ ମିଳନର ସ୍ଥଳ ହେଉଛି ମହାକୁମ୍ଭ ମେଳା । ଯାହାର ଅନ୍ୟତମ ଆକର୍ଷଣ ହେଉଛନ୍ତି ସାଧୁ, ସନ୍ନ୍ୟାସୀ ଓ ବାବାମାନେ । ଯେଉଁମାନଙ୍କ ମଧ୍ୟରୁ କିଏ ନିଜର ଅଜବ କାର୍ଯ୍ୟ କଳାପ ପାଇଁ ତ କିଏ ଅଦ୍ଭୁତ ବେଶ ପୋଷାକ ଓ ବିବାଦୀୟ ମନ୍ତବ୍ୟ ପାଇଁ ହେଉଛନ୍ତି ଭାଇରାଲ...

ପ୍ରଚ୍ଛଦ ପ୍ରସଙ୍ଗ
୩





# କେଉଁଠି ରଖିବେ ମାତା ସରସ୍ୱତୀଙ୍କ ମୂର୍ତ୍ତି

**ବିଦ୍ୟାର ଦେବୀ ମାତା ସରସ୍ୱତୀଙ୍କୁ ପୂଜିଲେ ବିଦ୍ୟା, ବୁଦ୍ଧି ପ୍ରାପ୍ତ ହେବା ସହ ସୁଖସମୃଦ୍ଧି ବୃଦ୍ଧିପାଏ। ସେଥିପାଇଁ ଘରେ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ମା'ଙ୍କ ମୂର୍ତ୍ତି ରଖି ପୂଜା କରାଯାଇଥାଏ। ତେବେ କେଉଁ ଦିଗରେ ମା'ଙ୍କର ମୂର୍ତ୍ତି ଅବା ଫଟୋ ରଖିବା ଶୁଭ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**



✲ ପୂର୍ବଦିଗକୁ ନୂତନ ଆରମ୍ଭ ବା ନୂଆ ଅବସରର ଦିଗ ବୋଲି ଅନେକେ କହିଥାନ୍ତି। ତେଣୁ ଏହି ଦିଗରେ ମାତା ସରସ୍ୱତୀଙ୍କର ଫଟୋ ଅଥବା ମୂର୍ତ୍ତିକୁ ସ୍ଥାପନା କଲେ ବ୍ୟକ୍ତିଙ୍କର ଜ୍ଞାନ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ବିଦ୍ୟାର୍ଥୀ ବି ଏହି ଦିଗକୁ ମୁହଁ କରି ଅଧ୍ୟୟନ କରିବା ଶୁଭଫଳ ଦେଇଥାଏ।

✲ ଉତ୍ତର ଦିଗକୁ ଶାନ୍ତି, ଜ୍ଞାନ ତଥା ସମୃଦ୍ଧିର ଦିଗ ବୋଲି କୁହାଯାଏ। ଏହି ଦିଗରେ ବି ମାତା ସରସ୍ୱତୀଙ୍କର ଫଟୋ ଅଥବା ମୂର୍ତ୍ତି ରଖିବା ଶୁଭ ହୋଇଥାଏ। ନିଷ୍ଠାର ସହ ପ୍ରତିଦିନ ମା'ଙ୍କୁ ପୂଜା କରିବା ସହ ତାଙ୍କ ନିକଟରେ ଦୀପ ଜାଳିଲେ ଘରେ ସକରାତ୍ମକ ଉର୍ଜ୍ଜା ବଢ଼ିବା ସହ ଉତ୍ତମ ପରିଣାମ ପ୍ରାପ୍ତ ହୋଇଥାଏ ବୋଲି ମାନ୍ୟତା ରହିଛି।

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଉତ୍ତର-ପୂର୍ବ କୋଣକୁ ବି ଜ୍ଞାନ, ବୁଦ୍ଧି ତଥା ରଚନାତ୍ମକତାର କେନ୍ଦ୍ର ବୋଲି ବିବେଚନା କରାଯାଇଥାଏ। ଏହି କୋଣରେ ବି ମାତା ସରସ୍ୱତୀଙ୍କର ମୂର୍ତ୍ତି ଅଥବା ଫଟୋ ରଖି ନିଷ୍ଠାର ସହ ପୂଜା କଲେ ଉତ୍ତମ ଫଳ ପ୍ରାପ୍ତ ହୋଇଥାଏ। ପଢ଼ାରେ ମନ ଲାଗୁ ନଥିଲେ, ଏହି ଦିଗରେ ମା'ଙ୍କ ସମ୍ମୁଖରେ ବିଦ୍ୟାର୍ଥୀଙ୍କୁ ବସାଇ ପଢ଼ିବାକୁ କହିଲେ କ୍ରମେ ସେମାନଙ୍କର ପାଠ ପଢ଼ିବାକୁ ଇଚ୍ଛା ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୨-୮

### ମେଷ
କାର୍ଯ୍ୟସିଦ୍ଧିରୁ ଖୁସୀ, ସମ୍ପର୍କୀୟଙ୍କ ସହ ମିତ୍ରତା, ତିକ୍ତତାର ପରିସମାପ୍ତି, ଭ୍ରମଣ ହେତୁକ କ୍ଳାନ୍ତି, ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି, ବକେୟା ପାଉଣା ପ୍ରାପ୍ତି, ସାହିତ୍ୟକୃତିରୁ ପ୍ରଶଂସା, ପାରିବାରିକ ଅଶାନ୍ତି, ସମାଲୋଚିତ ହୋଇପାରନ୍ତି ॥

### ବୃଷ
ପାରିବାରିକ ସମସ୍ୟା, ନିର୍ମାଣର ଶେଷ ପର୍ଯ୍ୟାୟ, ପଦୋନ୍ନତିର ସୂଚନା, ଧାର କରଜ କରିପାରନ୍ତି, କଳା ସାହିତ୍ୟରେ ପ୍ରଶଂସା, କର୍ମକ୍ଷେତ୍ରରେ ବିବାଦ, ପରିସ୍ଥିତିର ମୁକାବିଲା, ବନ୍ଧୁ ପ୍ରସ୍ତାବ ସ୍ଥିର ହେବ, ଲୋକସମ୍ପର୍କ ବୃଦ୍ଧି, କର୍ମରେ ଶିଥିଳତା, ଶାରୀରିକ କ୍ଳାନ୍ତି ॥

### ମିଥୁନ
କର୍ମକ୍ଷେତ୍ରରେ ବିଶୃଙ୍ଖଳା, ସନ୍ତାନହେତୁକ ଦ୍ୱନ୍ଦ୍ୱ, ସତ୍‌ସଙ୍ଗର ସୁଯୋଗ, ବାଣିଜ୍ୟରେ ଉନ୍ନତି, ନୂତନ ସମ୍ପର୍କରେ ସଙ୍କଟ, ଆର୍ଥିକ ଦୂରବସ୍ଥା, ଯାନବାହନରେ ତ୍ରୁଟି, ରୋଗପୀଡ଼ା କମିବ, ଦୂରଯାତ୍ରାର ଯୋଜନା, ମନୋରଞ୍ଜନ କାର୍ଯ୍ୟକ୍ରମ ॥

### କର୍କଟ
ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥସଙ୍କଟ ଉପଲବ୍ଧି, ଭ୍ରମଣକାଳରେ କ୍ଳେଶ, ଭ୍ରାତୃ ସମ୍ପର୍କରେ ଉନ୍ନତି, କର୍ମକ୍ଷେତ୍ରରେ ବିବାଦ, ଶିକ୍ଷାରେ ସଫଳତା, ମିଥ୍ୟା ଗୁଜବରୁ ଆତଙ୍କ, ମକଦ୍ଦମାରେ ବିଜୟ, ଉଚ୍ଚସ୍ତରରୁ ସମ୍ମାନ ॥

### ସିଂହ
କର୍ମକ୍ଷେତ୍ରରେ ସମ୍ମାନ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ମନୋରଞ୍ଜନରେ ଆଗ୍ରହ, ଶିଳ୍ପବାଣିଜ୍ୟରେ ଉନ୍ନତି, ଉଚ୍ଚଶିକ୍ଷାରେ ପ୍ରତିବନ୍ଧକ, ପେଟରୋଗର ସମସ୍ୟା, ନୂତନ ନିଯୁକ୍ତିର ସୁଯୋଗ, ବିବାଦୀୟ ପରିସ୍ଥିତି, ଜମାରାଶି ପାଇବେ।

### କନ୍ୟା
ସମ୍ପର୍କୀୟଙ୍କ ସହଯୋଗ, ନୂତନ ଯୋଜନାରମ୍ଭ, ପାରିବାରିକ ସହମତି, ଆର୍ଥିକ ଅନୁଦାନ ପ୍ରାପ୍ତି, ସମ୍ପର୍କରେ ଅଗ୍ରଗତି, ଋଣ ପରିଶୋଧ ଚିନ୍ତା, ଯୋଗାଣ କାରବାର ବଢ଼ିବ, ମାଙ୍ଗଳିକ କାମର ଆୟୋଜନ, ଭାବପ୍ରବଣତା ବୃଦ୍ଧି, ଥଣ୍ଡାରୋଗରେ ପୀଡ଼ା ବୃଦ୍ଧି ॥

### ତୁଳା
ବନ୍ଧୁ ମିଳନର ଆୟୋଜନ, ଭ୍ରମଣ ସୁଯୋଗ ଜୁଟିବ, କ୍ଳାନ୍ତିବୋଧ କରିବେ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଧାର ସୂତ୍ରରେ ଅର୍ଥପ୍ରାପ୍ତି, ଯାନବାହନରେ ସମସ୍ୟା, ପରୋକ୍ଷ ଶତ୍ରୁତା, ବ୍ୟବସାୟରେ ପ୍ରତିବନ୍ଧକ, କଚେରୀ ମାମଲାରୁ ଦୁଃଶ୍ଚିନ୍ତା ॥

### ବିଛା
ନିଜ ପରିସରରେ ପ୍ରତିଷ୍ଠା, ସମ୍ମାନିତ ହୋଇପାରନ୍ତି, ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ, ନିଃସଙ୍ଗତା ବୋଧ କରିବେ, ବନ୍ଧୁ ପ୍ରସ୍ତାବ ଆସିବ, ଗୃହୋପକରଣ କିଣିବେ, ପରିବାରରୁ ସହଯୋଗ, ନୈରାଶ୍ୟଜନିତ ଦୁଃଖ, ବନ୍ଧୁଙ୍କ ସାହାଯ୍ୟ, ସ୍ଥିରତା ଅବ୍ୟାହତ ରହିବ ॥

### ଧନୁ
କର୍ମକ୍ଷେତ୍ରରେ ସମାଲୋଚନା, ବନ୍ଧୁଙ୍କୁ ଭେଟିପାରନ୍ତି, ପରକଥାରେ ମନ, କାମରେ ଅବହେଳା, ପାରିଶ୍ରମିକ କମ୍ ହେବ, ସମସ୍ୟା ସମାଧାନ କରିବେ, ସଙ୍ଗଦୋଷରୁ ସମସ୍ୟା, ସଭାସମିତିକୁ ନିମନ୍ତ୍ରଣ, କାର୍ଯ୍ୟରେ ସଫଳତା, ଶତ୍ରୁ ଉପଦ୍ରବ ହ୍ରାସ ॥

### ମକର
ପରିସ୍ଥିତି ବଦଳିବ, ନୂଆ ଯୋଜନା କରିବେ, ପଡୋଶୀଙ୍କ ପ୍ରେରଣା, ଯାନବାହନ ନବୀକରଣ, ନିର୍ମାଣର ଶେଷ ପର୍ଯ୍ୟାୟ, ଯାତ୍ରାରୁ ସୁଫଳ ପାଇବେ, ବନ୍ଧୁସମ୍ପର୍କ ବୃଦ୍ଧି, କର୍ମକ୍ଷେତ୍ରରେ ପ୍ରତିବାଦ, ଶୁଭଖବର ପାଇବେ, ବୃତ୍ତିବାଣିଜ୍ୟରେ ଉନ୍ନତି, କରଜଦାତାଙ୍କ ଚାପ ॥

### କୁମ୍ଭ
ମିତ୍ର ବନ୍ଧୁ ଜୁଟିବେ, କର୍ମକ୍ଷେତ୍ରରେ ଉତ୍ସାହ, ଅନୁକୂଳ ପରିବେଶ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗ, ଯାତ୍ରାରେ ବିଘ୍ନ, ଧର୍ମକାର୍ଯ୍ୟରେ ନିୟୋଜିତ ହେବେ, ଭ୍ରାତୃବିବାଦର ପରିସମାପ୍ତି, ଯାତ୍ରାରେ ଲକ୍ଷ୍ୟ ପୂରଣ, ପୁରାତନ ରୋଗରେ ପୀଡ଼ା ॥

### ମୀନ
ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା, କର୍ମକ୍ଷେତ୍ରରେ ପ୍ରଶଂସା, ପରିସ୍ଥିତିର ଚାପ କମିବ, ବୁଝାମଣା ଠିକ୍ ରହିବ, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବର ପାଇବେ, କାମ ଅଟକିବ ନାହିଁ, ସମସ୍ୟାର ସମାଧାନ, ବନ୍ଧୁଙ୍କ ଅନାଦର ଭାବ ॥

# ଲୁଣ ପାଣିରେ ଘର ପୋଛୁଥିଲେ...

**ବା**ସ୍ତୁଶାସ୍ତ୍ର ଅନୁଯାୟୀ, ଘର ଉପରେ ଯଦି କିଛି ନକାରାତ୍ମକ ପ୍ରଭାବ ରହିଥାଏ, ତା'ହେଲେ ପାଣିରେ କିଛି ଲୁଣ ପକାଇ ସେଥିରେ ଘର ପୋଛିଲେ ସୁଫଳ ମିଳେ। କିନ୍ତୁ ଏହି ଉପାୟ ସବୁଦିନ କରିବା ଠିକ୍ ନୁହେଁ। ଖାସ୍ କରି ଗୁରୁବାର ତ ଆଦୌ ନୁହେଁ। ତା'ଛଡ଼ା ମଙ୍ଗଳବାର, ରବିବାର ଦିନ ବି ପାଣିରେ ଲୁଣ ପକାଇ ଘର ପୋଛିବା ଭଲ ନୁହେଁ। ସେହିପରି ଘର ପୋଛିବା ସମୟରେ ଯଦି ହଠାତ୍ କିଏ ଚାଲି ଆସନ୍ତି, ତା'ହେଲେ ତାଙ୍କ ସାମ୍ନାରେ କେବେ ବି ପାଣିରେ ଲୁଣ ପକାଇବେ ନାହିଁ। ଆଉ ଯଦି ଘର ସଫାସଫି କରିବା ପାଇଁ ସହାୟକ/ସହାୟିକାଙ୍କର ସାହାଯ୍ୟ ନେଉଥାନ୍ତି, ତା'ହେଲେ ମଧ ପାଣିରେ ଲୁଣ ପକାଇବା ସମୟରେ ସେ ଯେମିତି ନ ଦେଖିପାରନ୍ତି ସେଥିପ୍ରତି ନଜର ଦେବେ। ନଚେତ୍ ଏହି ଉପାୟର କିଛି ବି ସୁଫଳ ମିଳେ ନାହିଁ ବୋଲି ବିଶ୍ୱାସ କରାଯାଏ। ଏହାଛଡ଼ା ଯେଉଁ ଲୁଣ ମିଶା ପାଣିରେ ଘର ପୋଛୁଛନ୍ତି, ତାହାକୁ ଘର ଭିତରେ ଥିବା ନାଳରେ ନ ଢାଳି ଘର ବାହାରେ ଥିବା ନାଳରେ ଢାଳିବା ଉତ୍ତମ ହୋଇଥାଏ। କାରଣ ଘର ଭିତରେ ଥିବା ନାଳରେ ଏହି ପାଣି ଢାଳିଲେ, ଘରେ ଥିବା ନକାରାତ୍ମକ ଶକ୍ତି ସେହି ଘରେ ହିଁ ରହିଯାଏ। ଏହିକିଛି କଥା ଉପରେ ନଜର ଦେଲେ ଲୁଣ ପାଣିରେ ଘର ପୋଛିବା ଉତ୍ତମ ଫଳ ପ୍ରଦାନ କରିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।



# ପାଠକୀୟ

✲ ସମୟ ବଦଳିଛି। ଝିଅ ଏବେ ନୁହେଁ କାହା ମୁଣ୍ଡର ବୋଝ। ବରଂ ତା' କାନ୍ଧରେ ଅଛି ନିଜ ପରିବାର ସହ ରାଜ୍ୟ ଓ ଦେଶର ଭାର ବହନ କରିବାର ଶକ୍ତି। ମାଟିରୁ ମହାକାଶ ସବୁଠି ସେ ଛାଡ଼ିଛି ନିଜର ଛାପ। ଏଇ ଯେମିତି ଏଇ ଝିଅମାନେ ନାନା ବାଧାବିଘ୍ନ ସତ୍ତ୍ୱେ ଆଗକୁ ବଢ଼ିଛନ୍ତି ଓ ସଫଳ ହେଇଛନ୍ତି। ତେଣୁ ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କନ୍ୟାରତ୍ନ' ଶୀର୍ଷକ ଆଲେଖ୍ୟଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'ବେଡ୍‌ରୁମ୍‌ରେ କ'ଣ ରଖିବେ ନାହିଁ', 'କିସ୍‌ମିସ୍‌ର ଔଷଧୀୟ ଗୁଣ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସ୍ୱପ୍ନା ସାହୁ, ପିପିଲି, ପୁରୀ*

✲ ଦିନେ ଝିଅ ଥିଲା ପଞ୍ଜୁରି ଭିତରେ ବନ୍ଦୀ ଏକ ପକ୍ଷୀ ଭଳି। ତାକୁ ଘର ଏରୁଣ୍ଡି ଡେଇଁବା ଥିଲା ମନା। ତା'ର ଜନ୍ମରେ କାହାର ଏତେ ଖୁସି ନଥିଲା। ତାକୁ ବୋଝ ବୋଲି ମଣା ଯାଉଥିଲା। ହେଲେ ଏବେ ସେ ନିଜ ଦମ୍‌ରେ ବଦଳାଇଛି ସମାଜର ତା' ପ୍ରତି ଥିବା ମନୋଭାବକୁ। ଆଉ ପ୍ରମାଣ କରିଦେଇଛି ଯେ, ସେ ବୋଝ ନୁହେଁ ବରଂ ଗୋଟେ ଗୋଟେ ରତ୍ନ। ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଆକର୍ଷଣୀୟ ମୋହରି ଡିଜାଇନ୍ ପ୍ୟାଣ୍ଟ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ସୁକେଶ ସ୍ୱାଇଁ, ମାଲକାନାଗିରି*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ଥିଏଟର ନିର୍ଦ୍ଦେଶକ ତଥା ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ନୂଆ କ୍ୟାଲେଣ୍ଡରରେ ପୁରୁଣା ଜୀବନ' ଶୀର୍ଷକ ଗପଟି ବେଶ୍ ଶିକ୍ଷଣୀୟ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ ଅଲ୍ଲୁ ଅର୍ଜ୍ଜୁନ୍‌ଙ୍କ ଫଟୋଟି ବହୁତ ସୁନ୍ଦର ହୋଇଥିଲା।

*– ଅଜିତ୍ ମହାନ୍ତି, କଟକ*

✲ ସମାଜସେବୀ ତଥା ପ୍ରଶାସନିକ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। ଟେରାକୋଟା ଶିଳ୍ପୀ ଅଜୟ ପ୍ରତାପ ଜଗଦ୍ଦେବଙ୍କ ସଂଘର୍ଷମୟ ଜୀବନି ସମ୍ପର୍କରେ ପଢ଼ି କିଛି ନୂଆ କଥା ଜାଣିହେଲା। ମଡେଲ୍ ମିରର୍‌ରେ ସୁଶ୍ରୀସଙ୍ଗୀତା ଖୁବ୍ ସୁନ୍ଦରୀ ଲାଗୁଥିଲେ।

*– ପ୍ରଣତି ସେଠୀ, ଭଦ୍ରକ*

✲ ସହର ପୃଷ୍ଠାରୁ 'ନେତାଜୀ ଭବନ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରୁ 'ପ୍ରାଣୀମାନଙ୍କୁ ବ୍ରଶ କରିବାକୁ ପଡେନି କାହିଁକି' ସେ ସମ୍ପର୍କରେ ମଧ କିଛିଟା ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଅସହାୟ ଗଣତନ୍ତ୍ର' ଶୀର୍ଷକ ପାଠରୁ ବହୁ ଶିକ୍ଷଣୀୟ କଥା ଶିଖିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ପାଠଗୁଡ଼ିକ ବି ଆଶ୍ଚର୍ଯ୍ୟକର ଥିଲା।

*– ପ୍ରକାଶ ପରିଜା, ସୁନ୍ଦରଗଡ଼*

## ବିଶେଷ ଚିଠି




**କ**ନ୍ୟାରତ୍ନ ଶୀର୍ଷକ ପାଠକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରୀ ନିଆରା
ଦେଉଥିଲା ଅପୂର୍ବ ଆନନ୍ଦ।
ତା'ସାଙ୍ଗକୁ ଭାରୀ ଭଲଥିଲା
ତୁମ ସାଥୀ ଓ ସିନେମାର ପୃଷ୍ଠା,
ମନ କିଣି ନେଉଥିଲା ପୁଣି
ତୁମ ବ୍ୟାକ୍‌ପେଜ୍ ଓ ବିବିଧା।
ହେ ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଉତ୍ତମ।

*– ପ୍ରଣତି ଦାଶ, ପଟିଆ, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# କୁମ୍ଭମେଳାରେ ଭାଇରାଲ ବାବା

**ସଙ୍ଗମ ନଗରୀ ପ୍ରୟାଗରାଜରେ ଚାଲିଛି ମହାକୁମ୍ଭ ମେଳା। ଆସ୍ଥା, ବିଶ୍ୱାସ ଓ ଧର୍ମୀୟ ଭାବନାର ମହାକୁଣ୍ଡ ପାଲଟିଛି ପ୍ରୟାଗରାଜ। ସାଧୁସନ୍ଥ, ଭକ୍ତ, ଶ୍ରଦ୍ଧାଳୁଙ୍କ ଅପୂର୍ବ ମିଳନ ହେଉଛି ଏଇଠି । ତା'ସହ ଭିନ୍ନ ଭିନ୍ନ ସ୍ୱରୂପର ବାବା ପାଲଟିଛନ୍ତି ଆକର୍ଷଣର କେନ୍ଦ୍ର। କିଏ ନିଜର ଅଜବ କାର୍ଯ୍ୟ କଳାପ ପାଇଁ ତ କିଏ ଅନ୍ତର୍ନିହିତ ଶକ୍ତି ପ୍ରଦର୍ଶନ କରି, ପୁଣି କିଏ ଅଦ୍ଭୁତ ବେଶ ପୋଷାକ ଓ ବିବାଦୀୟ ମନ୍ତବ୍ୟ ଦେଇ ପାଲଟିଛନ୍ତି ଚର୍ଚ୍ଚାର ଶିରୋନାମା । ସେମିତି କେତେଜଣ ଭାଇରାଲ୍ ବାବାଙ୍କ ସମ୍ପର୍କରେ...**

**ଆଇଆଇଟି ବାବା:** ଏବେ ଇଣ୍ଟରନେଟ୍‌ରେ ଅଧିକ ସର୍ଚ୍ଚ ହେଉଥିବା ବାବା ହେଉଛନ୍ତି ଅଭୟ ସିଂ ଓରଫ ଆଇଆଇଟି ବାବା । ଲମ୍ବା କେଶ ସାଙ୍ଗକୁ ନିଶ ଦାଢ଼ି। ହାତ ଓ ଗଳାରେ ରୁଦ୍ରାକ୍ଷମାଳା । ଶାନ୍ତ ଚେହେରାକୁ ପ୍ରତି କଥାରେ ହସ ସମସ୍ତଙ୍କ ମନ ଜିଣି ନେଇଛି। ତେବେ ସବୁଠୁ ବେଶି ଯାହାଲୋକଙ୍କୁ ଚକିତ କରିଛି ତାହା ହେଉଛି ତାଙ୍କ ଶିକ୍ଷାଗତ ଯୋଗ୍ୟତା । ଏହାବାଦ୍ ନିଜ ମା'ବାପାଙ୍କୁ ନେଇ ଦେଇଥିବା ମନ୍ତବ୍ୟ ପାଇଁ ବି ସେ ବେଶ୍ ଚର୍ଚ୍ଚାରେ । ହରିୟାଣା, ଝଜ୍ଜର ଜିଲାର ଛୋଟିଆ ଗାଁ ସାସରୌଲିରେ ତାଙ୍କ ଘର । ବାପାମା'ଙ୍କର ସେ ଏକମାତ୍ର ପୁତ୍ର । ତାଙ୍କର ଜଣେ ଭଉଣୀ ଅଛନ୍ତି ଯେକି ବିବାହ କରି ପରିବାର ସହ କାନାଡ଼ାରେ ରୁହନ୍ତି । ଅଭୟ ଜଣେ ମେଧାବୀ ଛାତ୍ର ଥିଲେ । ଆଇଆଇଟି ମୁମ୍ବାଇରୁ ସେ ଏରୋସ୍ପେସ ଇଞ୍ଜିନିୟରିଂ ପଢୁଥିବା ସମୟରେ ଦର୍ଶନଶାସ୍ତ୍ର ପ୍ରତି ରୁଚି ବଢିଲା । ତା'ସହ ପାହାଡ଼ିଆ ସ୍ଥାନ ବୁଲିବା ଓ ଫଟୋଗ୍ରାଫିରେ ଥିଲା ସଉକ । ତେଣୁ ସେ ଡିଜାଇନିଂରେ ମାଷ୍ଟର ଡିଗ୍ରି କରିବା ସହ ଫଟୋଗ୍ରାଫୀ କଲେ ଓ ବିଭିନ୍ନ ସ୍ଥାନ ବୁଲିଲେ । ପରେ କାନାଡାରେ ଏଭିଏଶନ୍ ଇଣ୍ଡଷ୍ଟ୍ରିରେ କାମ କରି ଭଲ ଦରମା ପାଇଲେ । ତେବେ କୋଭିଡ୍ ସମୟରେ ତାଙ୍କ ମନ ବେଶି ଆଧ୍ୟାତ୍ମିକ ଦିଗକୁ ଯାଇଥିଲା । ସେଥିପାଇଁ ୨୦୨୧ରେ ଭାରତ ଫେରି ଆସି ଉଜ୍ଜୈନ ଓ ହରିଦ୍ୱାର ଗଲେ । ଶେଷରେ ଘର ଛାଡି ମହାଦେବଙ୍କ ଶରଣ ପଶିଲେ । ପ୍ରତିଷ୍ଠିତ ସଂସ୍ଥାନରୁ ଡିଗ୍ରି ହାସଲ କରି ବଡ଼ କମ୍ପାନୀରେ ଭଲ ଦରମାରେ ଚାକିରି କରି ବି ସନ୍ନ୍ୟାସୀ ହୋଇ ବୈରାଗ୍ୟ ଜୀବନକୁ କାହିଁକି ଆପଣେଇଲେ ସମସ୍ତଙ୍କ ମନରେ ଥିଲା କୌତୂହଳ । ସେ କୁହନ୍ତି, ''ଜୀବନର ପ୍ରକୃତ ଅର୍ଥ ପାଇବା ପାଇଁ ହିଁ ମୁଁ ଏରୋସ୍ପେସ୍ ସାଇନ୍ସ ବାଦ୍ ଦର୍ଶନଶାସ୍ତ୍ର ବି ପଢିଥିଲି । ସୁକରତାଲ, ପ୍ଲାଟୋ ଆଦିଙ୍କ ପୁସ୍ତକ ପଢିଲି । ଆଉ ଧୀରେ ଧୀରେ ଆଧ୍ୟାତ୍ମିକ ମାର୍ଗକୁ ଚାଲିଆସିଲି । ଏବେ ମୋର ପୂରା ଜୀବନ ମହାଦେବଙ୍କୁ ସମର୍ପିତ । ଏହି ଆଧ୍ୟାତ୍ମିକ ମାର୍ଗରେ ହିଁ ମୋତେ ଆନନ୍ଦ ମିଳୁଛି । ବିଜ୍ଞାନ ମାଧ୍ୟମରେ ଆଧ୍ୟାତ୍ମିକକୁ ଗଭୀରଭାବେ ବୁଝିବାକୁ ଚେଷ୍ଟା କରୁଛି । ମୋ ଜୀବନର ସବୁଠୁ ଭଲ ସମୟ ହେଉଛି ଏହି ଆଧ୍ୟାତ୍ମିକ ଜୀବନ । ମୋ ମତରେ ଆମେ ଯେତେ ଅଧିକ ଜ୍ଞାନ ଲାଭ କରିବା ଆଧ୍ୟାତ୍ମିକ ମାର୍ଗକୁ ସେତେ ଅଧିକ ବୁଝିପାରିବା ।' ଏହି ଆଇଆଇଟି ବାବାଙ୍କର ମୋବାଇଲ ଫୋନ୍, ଆଇପ୍ୟାଡ ଭଳି ଆଧୁନିକ ଗ୍ୟାଜେଟ୍ ବି ଅଛି । ସେ ସୋସିଆଲ ମିଡିଆରେ ନିଜର ଭିଡିଓ ଶେୟାର କରନ୍ତି । ନିକଟରେ ସେ ମା'ବାପାଙ୍କୁ ନେଇ ଏକ ଭିଡିଓ ଶେୟାର କରିଥିଲେ । ଯାହାକି ବେଶ୍ ଭାଇରାଲ ହୋଇଥିଲା । ଏହି ପୋଷ୍ଟରେ ସେ ମା' ବାପା ଭଗବାନ୍ ନୁହନ୍ତି, ଭଗବାନ ବି ମା' ବାପାଙ୍କୁ ସୃଷ୍ଟି କରିଛନ୍ତି ବୋଲି କହିଥିଲେ । ଏଥିପାଇଁ କିଏ ତାଙ୍କୁ ନିନ୍ଦା ତ କିଏ ତାଙ୍କ ପିଲାଦିନର ସ୍ଥିତି ବୁଝିପାରି ସପୋର୍ଟ ବି କରିଥିଲେ । ଏହାପରେ ଆଶ୍ରମକୁ ନେଇ ସେ ନାନା ବିବାଦୀୟ କଥା କହିଥିବାରୁ ତାଙ୍କୁ ଜୁନା ଆଖଡ଼ାରୁ ବାହାର କରି ଦିଆଯାଇଛି ।

**ଚଞ୍ଚଳ ନାଥ ଅଘୋରୀ:** ଅଘୋରୀ ବାବାଙ୍କ ବେଶଭୂଷା ଏମିତି ହୋଇଥାଏ ଯେ, ତାଙ୍କୁ ଦେଖିଲେ ମନରେ ଭୟ ସୃଷ୍ଟି ହୁଏ । ଯୋଗୀ ଚଞ୍ଚଳ ନାଥ ବି ଜଣେ ଅଘୋରୀ । କିନ୍ତୁ ତାଙ୍କୁ ସବୁଠୁ ସୁନ୍ଦର ଅଘୋରୀ ସାଧ୍ୱୀ ଭାବେ ବିବେଚନା କରାଯାଏ । ସୁନ୍ଦର ଚେହେରା, ସାତ ଫୁଟ୍ ଲମ୍ବରୁ ଊର୍ଦ୍ଧ୍ୱ ଜଟାର ବଡ଼ ଖୋଷା ସାଙ୍ଗକୁ ସାଧ୍ୱୀ ବେଶଭୂଷା । ସୋସିଆଲ ମିଡିଆରେ ତାଙ୍କର ସୌନ୍ଦର୍ଯ୍ୟ ଯେମିତି ଚର୍ଚ୍ଚାରେ ଥାଏ, ସେ କରୁଥିବା ଅଲୌକିକ ଶକ୍ତିକୁ ନେଇ ବି ସେମିତି ଚର୍ଚ୍ଚା ହୁଏ । ଏକ ଭିଡିଓରେ ସେ ଏକ ଲେମ୍ବୁକୁ ଶୂନ୍ୟରେ ଉଡାଉଥିବାବେଳେ ଆଉ ଏକ ଭିଡିଓରେ ନିଜ ହାତରେ ନିଆଁ ଜଳାଉଥିବା ଦେଖିବାକୁ ମିଳେ । ଚଞ୍ଚଳ ନାଥଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିଲେ ହେଁ ଆଶ୍ରମ ହରିୟାଣାର କର୍ନାଲରେ । ବାପା ମା' ବହୁତ ଆଧ୍ୟାତ୍ମିକ ଥିଲେ । ଚଞ୍ଚଳ ନାଥ ୬-୭ ବର୍ଷର ହୋଇଥିବାବେଳେ ପରିବାରର କୁଳଗୁରୁ ତାଙ୍କ ମା'ବାପାଙ୍କୁ ଚଞ୍ଚଳ ନାଥଙ୍କୁ ମାଗିଥିଲେ । ଆଉ ସେମାନେ ଚଞ୍ଚଳ ନାଥଙ୍କୁ ପ୍ରଦାନ କରିଥିଲେ । ସେବେଠାରୁ ତାଙ୍କର ସାଧ୍ୱୀ ଜୀବନ ଆରମ୍ଭ ହୋଇଥିଲା । ସେ ଜଣେ ୟୁଟ୍ୟୁବର ବି । ତାଙ୍କ ଭିଡିଓ ବେଶ୍ ଭାଇରାଲ ହୁଏ ।

**ଗୋଟେ ହାତ ଉପରକୁ କରି ରଖିଥିବା ବାବା:** ନିଜର ଡାହାଣ ହାତକୁ ଦୀର୍ଘ ୧୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉପରକୁ କରି ରଖିଥିବା ଜଣେ ବାବାଙ୍କୁ ବି ଏହି କୁମ୍ଭମେଳାରେ ଦେଖିବାକୁ ମିଳୁଛି । ବିଶ୍ୱର ଶାନ୍ତି ଓ କଲ୍ୟାଣ ସହ ଭାରତକୁ ବିଶ୍ୱଗୁରୁ କରିବା ଉଦ୍ଦେଶ୍ୟରେ ସେ ଏଭଳି ସାଧନା କରୁଥିବା କହିଛନ୍ତି । ମଧ୍ୟପ୍ରଦେଶ, ଅଗର ଜିଲାର ଅମଲା ଆଶ୍ରମର ଏହି ବାବା ରାଧେ ପୁରୀ ଜୀ ମହାରାଜ ନାମରେ ପରିଚିତ । ସେ ଜୁନା ଆଖଡ଼ାର ସଦସ୍ୟ ଅଟନ୍ତି । ଦୀର୍ଘ ବର୍ଷ ଧରି ହାତ ଟେକି ରଖିଥିବାରୁ ତାଙ୍କ ହାତ ବହୁତ ପତଳା ହେବା ସହ ଆଉ ବଙ୍କା ହେଉ ନାହିଁ । ନଖଗୁଡିକ ପ୍ରାୟ ୧ ଫୁଟ ଲମ୍ବା ହେବା ସହ ମୋଡି ହୋଇ ଗଲାଣି ।

**ଗୋଲ୍ଡେନ ବାବା:** ମହାକୁମ୍ଭ ମେଳାରେ ଶ୍ରଦ୍ଧାଳୁଙ୍କ ଧ୍ୟାନ ଆକର୍ଷଣ କରୁଥିବା ଆଉ ଜଣେ ବାବା ହେଉଛନ୍ତି →


ବାବା ରାଧେ ପୁରୀ ଜୀ ମହାରାଜ


କବୁତର ବାବା


ଛୋଟୁ ବାବା



ଗୋଲ୍ଡେନ ବାବା। ତାଙ୍କର ପ୍ରକୃତ ନାମ ଏସ୍‌କେ ନାରାୟଣ ଗିରି ଜୀ ମହାରାଜ। ସେ ମୂଳରୂପରେ କେରଳର ଅଟନ୍ତି। ହେଲେ ଏବେ ଦିଲ୍ଲୀରେ ରୁହନ୍ତି। ନିରଞ୍ଜନୀ ଆଖଡା ସହ ଜଡ଼ିତ ଏହି ବାବାଙ୍କର ବିଶେଷତ୍ୱ ହେଉଛି ସେ ୪ କି.ଗ୍ରା.ର ସୁନା ପିନ୍ଧିଥାନ୍ତି, ଯାହାର ମୂଲ୍ୟ ପ୍ରାୟ ୬ କୋଟି ଟଙ୍କା। ସୁନାର ମୁଦି, କଙ୍କଣ, ଘଣ୍ଟା, ହାର ପିନ୍ଧିବା ସହିତ ହାତରେ ଧରନ୍ତି ସୁନାର ବାଡ଼ି। ବାଡ଼ିରେ ଦେବୀ ଦେବତାଙ୍କ ଲକେଟ୍ ଲାଗିଛି। ବାବାଙ୍କ ମତରେ ଏସବୁ ସୁନା ତାଙ୍କ ସାଧନା ସହିତ ଜଡ଼ିତ। ଆଉ ତାଙ୍କର ପ୍ରତି ଗହଣାରେ ଆଧ୍ୟାତ୍ମିକ ଶକ୍ତି ଅଛି। ଏହାବାଦ୍ ଗିରିଜୀ ମହାରାଜଙ୍କର ଜଣେ ଶିଷ୍ୟ ତାଙ୍କୁ ୨୫୧ କି.ଗ୍ରା.ର ସୁନା ସିଂହାସନ ଭେଟି ଦେଇଛନ୍ତି, ଯାହାର ମୂଲ୍ୟ ୨୦୦ କୋଟିରୁ ଊର୍ଦ୍ଧ୍ୱ ବୋଲି ଆକଳନ କରାଯାଉଛି। ଏହି ସିଂହାସନକୁ ଦେଖିବା ପାଇଁ ସେକ୍ଟର ୧୪ରେ ଥିବା ବାବାଙ୍କ ଶିବିରରେ ଗହଳି ଲାଗୁଛି।

**ମସ୍କୁଲାର ବାବା:** ସାତ ଫୁଟ୍ ଉଚ୍ଚତାର ଗୋରା ତକ ତକ ବଳିଷ୍ଠ ଶରୀର। ଦେହରେ ଗେରୁଆ ବସ୍ତ୍ର। ଗଳାରେ, ବାହୁରେ ରୁଦ୍ରାକ୍ଷ ମାଳ। ଏଭଳି ଜଣେ ବ୍ୟକ୍ତିତ୍ୱ ଏବେ କୁମ୍ଭମେଳାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ତାଙ୍କ ବଳିଷ୍ଠ ଶରୀର ଦେଖି ଅନେକେ ତାଙ୍କୁ ଆଧୁନିକ ଯୁଗର ପର୍ଶୁରାମଙ୍କ ଅବତାର ବୋଲି ବି କହୁଛନ୍ତି। ସେ ଜୁନା ଆଖାଡ଼ାର ସଦସ୍ୟ ଅଟନ୍ତି। ତାଙ୍କ ନାମ ଆତ୍ମା ପ୍ରେମ ଗିରି। ଘର ତାଙ୍କର ରୁଷିଆରେ। ହେଲେ ୩୦ ବର୍ଷ ପୂର୍ବେ ସନାତନ ଧର୍ମ ଗ୍ରହଣ କରି ନିଜ ଜୀବନକୁ ହିନ୍ଦୁଧର୍ମର ପ୍ରଚାର ପ୍ରସାରରେ ଉତ୍ସର୍ଗ କରିଛନ୍ତି। ଦିନେ ସେ ଜଣେ ଶିକ୍ଷକ ଥିଲେ। ହେଲେ ପରେ ନିଜର ଚାକିରି ଓ ସବୁକିଛି ତ୍ୟାଗ କରି ଆଧ୍ୟାତ୍ମିକ ପଥକୁ ଚାଲି ଆସିଥିଲେ। ଏମିତିରେ ସେ ନେପାଳରେ ରୁହନ୍ତି ଓ ହିନ୍ଦୁଧର୍ମର ପ୍ରଚାର କରନ୍ତି।

**କାଣ୍ଟେୱାଲେ ବାବା:** ମହାକୁମ୍ଭ ମେଳାରେ ଆଉ ଜଣେ ବାବାଙ୍କୁ କଣ୍ଟା ଉପରେ ଶୋଇ ରହିଥିବା ଦେଖିବାକୁ ମିଳେ। ଯେ କି କାଣ୍ଟେୱାଲେ ବାବା ନାମରେ ପରିଚିତ। ତେବେ ତାଙ୍କ ପ୍ରକୃତ ନାମ ହେଉଛି ରମେଶ କୁମାର ମାଞ୍ଝୀ। ସେ କଣ୍ଟା ଉପରେ ଶୋଇବା ସହ ତାଙ୍କ ଉପରେ କଣ୍ଟା ଲଦା ଯାଇଥାଏ। ଏଭଳି ଦୃଶ୍ୟ ଦେଖି ଭକ୍ତମାନେ ଚକିତ ହୋଇଥାନ୍ତି। ବାବା କୁହନ୍ତି, 'ମୋ ଗୁରୁ ମତେ ଜ୍ଞାନ ଓ ଶକ୍ତି ଦେଇଛନ୍ତି। ତା'ସହ ଈଶ୍ୱରଙ୍କ କୃପା ଯେ, ମୁଁ ଏହି କାମ କରିପାରୁଛି। ଦୀର୍ଘ ୪୦-୫୦ ବର୍ଷ ଧରି ମୁଁ ପ୍ରତିବର୍ଷ ଏଭଳି କଣ୍ଟାରେ ଶୋଉଛି। ଏଭଳି କରିବାଦ୍ୱାରା ମୋର କିଛି ଅସୁବିଧା ହୋଇ ନ ଥାଏ ବରଂ ଶରୀରକୁ ଉପକାର ମିଳେ। ମତେ ଯାହା ବି ଦକ୍ଷିଣା ମିଳେ ତା'ର ଅଧା ଭାଗ ମୁଁ ଦାନ କରିଥାଏ। ଆଉ ବାକି ଟଙ୍କାକୁ ମୋ ନିଜ ପାଇଁ ଖର୍ଚ୍ଚ କରିଥାଏ।' ତେବେ ଏହି କୁମ୍ଭମେଳାରେ ଜଣେ ରିପୋର୍ଟର ତାଙ୍କୁ ଏହି କଣ୍ଟା ସତ କି? ବୋଲି ପଚାରିବାରୁ ବାବା ତାଙ୍କୁ ଚାପୁଡ଼ା ମାରି ଚର୍ଚ୍ଚାକୁ ଆସିଥିଲେ। ଏହାବାଦ୍ ଜଣେ ଝିଅ ତାଙ୍କୁ ଟଙ୍କା ମାଗିବା ସହ ମିଳିଥିବା ଟଙ୍କା ତାଙ୍କର କ'ଣ ଦରକାର ବୋଲି ପଚାରିଥିଲେ। ଆଉ ତାଙ୍କୁ ଏତେ ହଇରାଣ କରିଥିଲେ ଯେ ବାବା କାନ୍ଦି ପକାଇଥିଲେ।

**ଚାଏୱାଲେ ବାବା:** ମହାକୁମ୍ଭରେ ଦେଖିବାକୁ ମିଳନ୍ତି ଆଉ ଜଣେ ବାବା ଯେ କି, ଉତ୍ତରପ୍ରଦେଶର ପ୍ରତାପଗଡ଼ର ଅଟନ୍ତି। ନାଁ ତାଙ୍କର ଦିନେଶ ସ୍ୱରୂପ ବ୍ରହ୍ମଚାରୀ। ସେ ଜଣେ ଚା ବିକ୍ରେତାରୁ ତପସ୍ୱୀରେ ପରିଣତ ହୋଇଛନ୍ତି। ବାବାଙ୍କର ଯେଉଁ କଥା ତାଙ୍କୁ ଅଦ୍ୱିତୀୟ କରାଏ ସେ ହେଉଛି ତାଙ୍କର ମୌନବ୍ରତ ଓ ଦିନକୁ ୧୦ କପ ଚା' ପିଇ ଜୀବିତ ରହିବାର ଅଭ୍ୟାସ। ଭକ୍ତଙ୍କୁ ବି ସେ ପ୍ରସାଦ ଭାବେ ଚା' ପ୍ରଦାନ କରନ୍ତି। ଏହାବାଦ୍ ତାଙ୍କର ଆଉ ଏକ ବୈଶିଷ୍ଟ୍ୟ ହେଉଛି ବାବା ବିଗତ ୪୦ ବର୍ଷ ଧରି ସିଭିଲ ସର୍ଭିସ ଆଶାୟୀ ଛାତ୍ରୀଛାତ୍ରଙ୍କୁ ମାଗଣା କୋଚିଂ ଦେଉଛନ୍ତି। ମୌନ ରହିବା ସତ୍ତ୍ୱେ ତାଙ୍କ ଶିକ୍ଷା ଦେବା ଶୈଳୀ ଛାତ୍ରଙ୍କୁ ଆକର୍ଷିତ କରିଥାଏ। ସେ ଲିଖିତ ଭାବେ ଓ ଇସାରାରେ ପଢାଇଥାନ୍ତି। ତେବେ ସେ କେବଳ ପିଲାଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରି ନ ଥାଆନ୍ତି ବରଂ ଆଧ୍ୟାତ୍ମିକ କ୍ଷେତ୍ରରେ ବି ଆଗକୁ ବଢିବାକୁ ପ୍ରେରଣା ଦିଅନ୍ତି। ପ୍ରଶାସନିକ ସେବାରେ ଆଶାୟୀ ଛାତ୍ରୀଛାତ୍ରଙ୍କୁ ସେ ହ୍ୱାଟ୍ସଆପ୍‌ରେ ନୋଟ୍ ପ୍ରଦାନ କରିବା ସହ ଲିଖିତ ନୋଟ୍ସ ପ୍ରଦାନ କରନ୍ତି। ତା'ସହ ଅଧ୍ୟୟନ ସାମଗ୍ରୀ ନିଃଶୁଳ୍କରେ ପ୍ରଦାନ କରନ୍ତି। ତାଙ୍କ ମାର୍ଗଦର୍ଶନରେ ଅନେକ ଛାତ୍ରୀଛାତ୍ର ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି। କୁମ୍ଭମେଳାରେ ବି ଏହି ବାବା ଅନେକ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରୁଥିବାରୁ ସେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି।

**ଅନାଜୱାଲେ ବାବା:** ଉତ୍ତର ପ୍ରଦେଶ, ସୋନଭଦ୍ର ଜିଲାର ଅମରଜିତ ବେଶ୍ ପରିଚିତ ଅନାଜୱାଲେ ବାବା ଭାବେ। ସେ ଜଣେ ହଠ୍ ଯୋଗୀ। ବିଗତ ପାଞ୍ଚବର୍ଷ ହେବ ସେ ନିଜ ମୁଣ୍ଡରେ ବିଭିନ୍ନ ପ୍ରକାରର ଶସ୍ୟ ଯେମିତିକି ଗହମ, ମାଣ୍ଡିଆ, ବିରି, ମୁଗ, ମଟର ଆଦି ଚାଷ କରିଆସୁଛନ୍ତି। ମୁଣ୍ଡରେ ଏକ ପଗଡ଼ି ଭଳି ବାନ୍ଧି ତା'ରି ଭିତରେ ମାଟି ରଖି ଚାଷ କରନ୍ତି। ମଝିରେ ମଝିରେ ସେଥିରେ ପାଣି ଦିଅନ୍ତି। ଭକ୍ତମାନେ ତାଙ୍କ ମୁଣ୍ଡରେ ଚାଉଳ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। ବାବା କହନ୍ତି, ''ମୁଣ୍ଡରେ ହୋଇଥିବା ଫସଲ ନଷ୍ଟ ହୋଇଯିବା ଭୟରେ ମୁଁ ୫ ବର୍ଷ ହେବ ଭୂମି ଉପରେ ଗଡ଼ି କି ଶୋଇ ନାହିଁ। ବରଂ ବସି ବସି ଶୋଉଛି। ଆଉ ଏଭଳି କରିବାର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଭିତରେ ପରିବେଶ ସଚେତନତା ସୃଷ୍ଟି କରିବା।''

**ମହାକୁମ୍ଭର କୁନି ବାବା:** ଥରେ ସନ୍ତୋଷ ପୁରୀ ମହାରାଜ ନିଜ ଶିବିରରେ ଧୁନି ନିକଟରେ ବସିଥିଲେ। ଏତିକିବେଳେ ଏକ ଦମ୍ପତି ନିଜର ୩ ମାସର ସୁନ୍ଦର ଗୁଲୁଗୁଲିଆ ପୁଅକୁ ଧରି ଆସିଲେ। ଆଉ ମହାରାଜଙ୍କ ଚରଣରେ ସମର୍ପିଦେଲେ। ସନ୍ତୋଷ ପୁରୀ ମହାରାଜ ଶିଶୁର ମଥାରେ ତିଳକ ଲଗାଇଲେ। ମା'ବାପାଙ୍କୁ ଯିବାକୁ କହିଲେ। ମହାରାଜ ଶିଶୁଟିର ନାଁ ଶ୍ରବଣ ପୁରୀ ରଖିଲେ। ଏବେ ଶ୍ରବଣ ପୁରୀ ୩ ବର୍ଷର ହୋଇଗଲାଣି। ନିଜର ପ୍ରଥମ ମହାକୁମ୍ଭରେ ସାମିଲ ହେବା ପାଇଁ ଗୁରୁଭାଇ ଅଷ୍ଟକୌଶଲ ମହନ୍ତ ସନ୍ତ ପୁରୀ ମହାରାଜଙ୍କ ସହ ଆସିଛନ୍ତି। ଅଷ୍ଟକୌଶଲ ମହନ୍ତ ସନ୍ତ ପୁରୀ ତାଙ୍କର ଯତ୍ନ ନେଉଛନ୍ତି। ଅଷ୍ଟକୌଶଲ ବାବା କହନ୍ତି, 'ଅନେକ ମାତା ପିତା ସନ୍ତାନ ପ୍ରାପ୍ତି ପାଇଁ ମାନସିକ କରନ୍ତି। ମାନସିକ ପୂରଣ ହେଲେ ନିଜ ସାଧ ମତେ କିଛି ପ୍ରଦାନ କରନ୍ତି। କେତେଜଣ ମାତାପିତା ନିଜର ୨-୩ ଜଣ ସନ୍ତାନ ଭିତରୁ ଗୋଟେ ସନ୍ତାନକୁ ଆମ ପାଖରେ


→



କୁନି ବାବା ଶ୍ରବଣ ପୁରୀ



କାଣ୍ଟେୱାଲେ ବାବା



ମସ୍କୁଲାର ବାବା



ଯୋଗୀ ଚଞ୍ଚଳ ନାଥ



ରାବିଡ଼ି ବାବା

ଅର୍ପଣ କରିଦିଅନ୍ତି। ସେହିଭଳି ଶ୍ରବଣ ପୁରୀଙ୍କ ମା' ବାପା ବି ମାନସିକ ପୂରଣ ପରେ ନିଜ ପୁଅକୁ ଆମ ଗୁରୁଭାଇଙ୍କ ନିକଟରେ ସମର୍ପଣ କରିଦେଇଥିଲେ। କୁନି ସନ୍ଥଙ୍କର ଖେଳକୁଦ ସହ ଏବେ ଶିକ୍ଷା ଆରମ୍ଭ ହୋଇଗଲାଣି। ଧାର୍ମିକ ଶିକ୍ଷା ବି ନେଉଛନ୍ତି। ଏହି କୁନି ସନ୍ଥଙ୍କୁ ଚକୋଲେଟ ନୁହେଁ ବରଂ ଫଳ ଖାଇବା ପସନ୍ଦ। ମଝିରେ ମଝିରେ ତାଙ୍କ ମା' ବାପା ଆସି ଦେଖାକରନ୍ତି। ପୁଅର ଏଭଳି ଯତ୍ନ ଓ ଦେଖାରଖା ଦେଖି ବହୁତ ଖୁସି ହୁଅନ୍ତି। ଏହି କୁନି ବାବାଙ୍କୁ ଦେଖିବା ଲାଗି ମଧ୍ୟ ଭକ୍ତଙ୍କର ବେଶ୍ ସମାଗମ ହେଉଛି।

**ଖଡ଼େଶ୍ୱରୀ ବାବା:** ଦୀର୍ଘ ୧୪ ବର୍ଷ ଧରି ବାବା ଦିଗାମ୍ବର ହରିବଂଶ ଗିରି ଓରଫ ଖଡ଼େଶ୍ୱରୀ ବାବା ଗୋଟିଏ ଗୋଡ଼ରେ ଠିଆ ହୋଇ ସାଧନା କରି ଆସୁଛନ୍ତି। ଦିନ ହେଉ କି ରାତି କେବେ ବି ସେ ବସନ୍ତି ନାହିଁ। ଖାଇବା, ଶୋଇବା ସବୁକିଛି ସେ ଠିଆ ହୋଇ କରନ୍ତି। ସନ୍ତୁଳନ ରକ୍ଷା କରିବା ଲାଗି ତାଙ୍କ ସାମନାରେ ଥିବା ଏକ ଦୋଳି ଉପରେ ଦୁଇ ହାତ ରଖି ଭରା ଦିଅନ୍ତି। ବେଳେବେଳେ ଗୋଟେ ଗୋଡକୁ ବି ସେହି ଦୋଳି ଉପରେ ଟେକି ରଖନ୍ତି। ଏଭଳି କଠୋର ତପସ୍ୟା ଯୋଗୁ ତାଙ୍କର ଗୋଟେ ଗୋଡ ଫୁଲି ଯାଇଛି। ତା'ସହ ତାହା ପ୍ରାୟ ଅକାମୀ ହୋଇଗଲାଣି। ତଥାପି ସେ ଏହି ତପସ୍ୟା ଜାରି ରଖିଛନ୍ତି।

**ରାବିଡ଼ି ବାବା:** ଦେବଗିରିଜୀ ମହାରାଜ  କୁମ୍ଭମେଳାରେ ରାବିଡ଼ି ବାବା ଭାବେ ପରିଚିତ। କାରଣ ସେ ମହାକୁମ୍ଭରେ ରାବିଡ଼ି ପ୍ରସାଦ ବାଣ୍ଟନ୍ତି। ଦେବଗିରି ଜୀ ମହାରାଜ କୁହନ୍ତି, ''ମୁଁ ପ୍ରତିଦିନ ପ୍ରାୟ ୧୩୦ ଲିଟର କ୍ଷୀରରେ ରାବିଡ଼ି ପ୍ରସ୍ତୁତ କରି ଭକ୍ତଙ୍କ ମଧ୍ୟରେ ବାଣ୍ଟିଥାଏ। ମୁଁ ମହାକାଳୀଙ୍କ ଉପାସକ। ଦେବୀଙ୍କ କୃପାରୁ ହିଁ ଏହି ସେବା କରିବାକୁ ପ୍ରେରଣା ମିଳିଥିଲା। କ୍ଷୀରରେ ମୁଁ କମ୍ ଚିନି ପକାଇ ରାବିଡ଼ି ପ୍ରସ୍ତୁତ କରିଥାଏ। ଯେମିତିକି ବହୁମୂତ୍ର ରୋଗୀ ବି ଏହାକୁ ଖାଇପାରିବେ।'' ଦେବଗିରି ଜୀ ମହାରାଜ ଭକ୍ତଙ୍କୁ ବସାଇକି ରାବିଡ଼ି ଖାଇବାକୁ ଦେଇଥାନ୍ତି। ସେ ଗୁଜରାଟରୁ ଆସିଛନ୍ତି। ତାଙ୍କ ବୋର୍ଡରେ ଲେଖାଯାଇଛି– ରାବିଡ଼ି ନେ ମଚାଦି  ଧୁମ୍, ଶ୍ରୀ ମହନ୍ତ ରାବିଡ଼ି ବାଲେ।

**ରୁଦ୍ରାକ୍ଷ ବାବା:** ଏହି ମହାକୁମ୍ଭରେ ମହନ୍ତ ବଶିଷ୍ଠ ଗିରି ମହାରାଜ ବେଶ୍ ଚର୍ଚ୍ଚାରେ। କାରଣ ଜଟାରୁ ଆରମ୍ଭ କରି କାନ୍ଧ ପର୍ଯ୍ୟନ୍ତ ସେ ୧.୨୫ ଲକ୍ଷ ରୁଦ୍ରାକ୍ଷ ଧାରଣ କରିଛନ୍ତି। ସେଥିପାଇଁ ସେ ରୁଦ୍ରାକ୍ଷ ବାବା ଭାବେ ପରିଚିତ। ସେ ଜୁନା ଆଖଡ଼ାର ସଦସ୍ୟ ଅଟନ୍ତି। ରୁଦ୍ରାକ୍ଷ ବାବା କହନ୍ତି, ''ଏହି ରୁଦ୍ରାକ୍ଷର ଶୃଙ୍ଗାର ମୁଁ ୨୦୧୦ ମସିହାରୁ କରିଆସୁଛି। ପଞ୍ଚମୁଖୀ ରୁଦ୍ରାକ୍ଷ ଶରୀରର ପଞ୍ଚତତ୍ତ୍ୱକୁ ଦର୍ଶାଇଥାଏ। ଏହା ମହାଦେବଙ୍କର ଶୃଙ୍ଗାର। ରୁଦ୍ରାକ୍ଷକୁ ମହାଦେବଙ୍କ ଅଶ୍ରୁ ବୋଲି ବି କୁହାଯାଏ। ତେଣୁ ରୁଦ୍ରାକ୍ଷର ମହତ୍ତ୍ୱ ବହୁତ ରହିଛି। ଏହାକୁ ଧାରଣ କଲେ ଅପାର ଶାନ୍ତି ମିଳେ।''



ଖଡ଼େଶ୍ୱରୀ ବାବା

**୩୨ ବର୍ଷ ହେବ ସ୍ନାନ କରିନାହାନ୍ତି ଛୋଟୁ ବାବା:** ୫୭ ବର୍ଷୀୟ ଗଙ୍ଗାପୁରୀ ମହାରାଜ ବି କୁମ୍ଭମେଳାର ଅନ୍ୟତମ ଆକର୍ଷଣ। ମାତ୍ର ୩ ଫୁଟ ୮ ଇଞ୍ଚର ଶରୀର ପାଇଁ ସେ ଛୋଟୁ ବାବା ଭାବେ ପରିଚିତ। ଗଙ୍ଗାପୁରୀ ମହାରାଜ ଆସାମର କାମାକ୍ଷ ପୀଠର ଅଟନ୍ତି। ଗଙ୍ଗାପୁରୀ ମହାରାଜ ଆଉ ଏକ କାରଣ ପାଇଁ ବି ଚର୍ଚ୍ଚାରେ ଅଛନ୍ତି। ତାହା ହେଉଛି ସେ ଦୀର୍ଘ ୩୨ ବର୍ଷ ହେବ ସ୍ନାନ କରି ନାହାନ୍ତି। ଏକ ପ୍ରତିଜ୍ଞା ପାଇଁ ସେ ସ୍ନାନ କରୁନାହାନ୍ତି। ତଥାପି ସେ ତାଙ୍କ ଗୁରୁଙ୍କ ଆଶୀର୍ବାଦ ଯୋଗୁ ନିଜକୁ ସୁସ୍ଥ ଓ ସଫା ରଖିପାରିଛନ୍ତି। ଯେବେ ପ୍ରତିଜ୍ଞା ପୂରଣ ହେବ ସେ ସ୍ନାନ କରିବେ। ଏହି କୁମ୍ଭମେଳାରେ ବି ସେ ସ୍ନାନ କରିବେ ନାହିଁ, ହେଲେ ନିଜ ଜଟାକୁ ନିଶ୍ଚିତଭାବେ ସ୍ନାନ କରାଇବେ ବୋଲି କହିଛନ୍ତି। ଛୋଟୁ ବାବା କୁହନ୍ତି, ''ଛୋଟ ଶରୀର ମୋ ଜୀବନ ଉପରେ କିଛି ନକାରାତ୍ମକ ପ୍ରଭାବ ପକାଇପାରି ନାହିଁ। ମାତ୍ର ୯ ବର୍ଷ ବୟସରେ ମା'ବାପାଙ୍କ ଦେହାନ୍ତ ହେବା ପରେ ମୁଁ ସନ୍ନ୍ୟାସୀ ହୋଇଯାଇଥିଲି। ଆଉ ପ୍ରତିଜ୍ଞା ନେଇଥିଲି ସ୍ନାନ ନ କରିବାକୁ।''

**କବୁତର ବାବା:** ଏହି ମହାକୁମ୍ଭ ମେଳାରେ ଆଉ ଜଣେ ବାବା ବି ଅଛନ୍ତି, ଯାହାଙ୍କ ମୁଣ୍ଡ ଉପରେ ସବୁ ସମୟରେ ଏକ ପାରା ବସି ରହିଥିବା ଦେଖିବାକୁ ମିଳେ । ଯେବେ ବାବା ତପସ୍ୟା କରନ୍ତି ପାରାଟି ତାଙ୍କ ମୁଣ୍ଡରେ ବସି ତପସ୍ୟା କରେ। ଶୋଇବା, ଚେଇଁବା, ଖାଇବା, ପିଇବା, ସବୁ ସମୟରେ ପାରାଟି ତାଙ୍କ ସାଥିରେ ଥାଏ। ତଥାପି ବାବାଙ୍କର କିଛି ଅସୁବିଧା ବା ସମସ୍ୟା ହୋଇ ନ ଥାଏ ବୋଲି ବାବା କହନ୍ତି। ଏହି କାରଣରୁ ସେ କବୁତର ବାବା ଭାବେ ପରିଚିତ। ହେଲେ ତାଙ୍କ ପ୍ରକୃତ ନାମ ହେଉଛି ରାଜପୁରୀ ଜୀ ମହାରାଜ। ସେ ତାଙ୍କ ପାରାର ନାଁ ହରିପୁରୀ ରଖିଛନ୍ତି। ପାରାଟି ବାବାଙ୍କ ସହ ଦୀର୍ଘ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଛି। ସେ ନନ୍ଦୀ ସେବା, ଗୋ ସେବାକୁ ବି ବହୁତ ମହତ୍ତ୍ୱ ଦିଅନ୍ତି। ବାବାଙ୍କ ମତରେ ଯେଉଁମାନେ ପ୍ରାଣୀଙ୍କ ସେବା କରନ୍ତି ତାଙ୍କୁ ଅଦ୍ଭୁତ ଆଧ୍ୟାତ୍ମିକ ଉପକାର ମିଳିଥାଏ।

**ପିଟିବା ପାଇଁ ଚର୍ଚ୍ଚାରେ ଚିମ୍‌ଟା ବାଲେ ବାବା:** ମହାକାଳ ଗିରି ବାବା ଯେକି ଚିମ୍‌ଟା ୱାଲେ ବାବା ଭାବେ ପରିଚିତ, ଏହି କୁମ୍ଭମେଳାରେ ସେ ତାଙ୍କର କ୍ରୋଧ ଓ ୟୁଟ୍ୟୁବର୍‌ଙ୍କୁ ପିଟିବା ନେଇ ବହୁତ ଚର୍ଚ୍ଚାରେ ଅଛନ୍ତି। ଅନେକ ୟୁଟ୍ୟୁବର୍ ତାଙ୍କ ପାଖକୁ ଆସି ଆଶୀର୍ବାଦ ଭିକ୍ଷା କରିବା ସହ ସବସ୍କ୍ରାଇବର୍ ବଢାଇବା ଲାଗି ଅବାନ୍ତର ପ୍ରଶ୍ନ ପଚାରୁଥିବାରୁ ବାବା ସେମାନଙ୍କୁ ପିଟିଥିବା ସେ କୁହନ୍ତି। ତେବେ ମହାକାଳ ଗିରି ବାବା ଦୀର୍ଘ ୯ ବର୍ଷ ହେବ ସାଧନାରେ ଅଛନ୍ତି। ଯାହାଫଳରେ ତାଙ୍କର ଗୋଟିଏ ହାତ ବଙ୍କା ହୋଇଗଲାଣି, ନଖ ବି ବଢି ଯାଇଛି। ବାବା କୁହନ୍ତି, ଏହା ତାଙ୍କ ତ୍ୟାଗର ଏକ ଅଂଶ, ଯାହାକୁ ସେ ଛାଡ଼ିପାରିବେ ନାହିଁ।

**ଚାବିୱାଲେ ବାବା:** ମହାକୁମ୍ଭରେ ଆଉ ଜଣେ ବାବା ବି ବହୁତ ଚର୍ଚ୍ଚିତ। ସେ ହେଉଛନ୍ତି ହରିଶ୍ଚନ୍ଦ୍ର ବିଶ୍ୱକର୍ମା କବୀରା ବାବା, ଯେକି ଚାବିୱାଲେ ବାବା ଭାବେ ବେଶ୍ ପରିଚିତ। କାରଣ ଏହି ବାବା ସବୁବେଳେ ନିଜ ସାଥିରେ ୨୦ କେ.ଜି.ର ଚାବି ଧରି ଯାତ୍ରା କରନ୍ତି। ଯାହାକୁ ସେ ରାମନାମର ଚାବି କହନ୍ତି। ଅର୍ଥାତ୍ ଆଧ୍ୟାତ୍ମିକ ଜ୍ଞାନ ଜାଗ୍ରତ କରିବାର ଏହା ହେଉଛି ପ୍ରତୀକ। ଉତ୍ତର ପ୍ରଦେଶ ରାଏବରେଲିରେ ରହୁଥିବା ଏହି ବାବା ୧୬ ବର୍ଷ ବୟସରେ ସମାଜରେ ରହିଥିବା ଘୃଣା, ହିଂସା, ଦ୍ୱେଷ ସହ ଲଢିବା ଲାଗି ଗୃହତ୍ୟାଗ କରିଥିବା କୁହନ୍ତି।

କେବଳ ଏଇ ବାବାମାନେ ନୁହନ୍ତି ଆହୁରି ଅନେକ ବାବା ଓ ମାତାମାନେ ଏହି ମହାକୁମ୍ଭମେଳାର ଆକର୍ଷଣ ପାଲଟିଛନ୍ତି। ପବିତ୍ର ବୁଡ଼ ପକାଇବା ସହ ସାଧୁସନ୍ଥଙ୍କ ଆଶୀର୍ବାଦ ଲାଭ କରିବା, ଆଧ୍ୟାତ୍ମିକ ଭାବରେ ବୁଡି ନାନା ଚମତ୍କାର ଦେଖିବା ଲାଗି ମହାକୁମ୍ଭ ମେଳାରେ ଲାଗିଛି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼।

–ଶିବାନୀ ମହାନ୍ତି



ରୁଦ୍ରାକ୍ଷ ବାବା



ଆଇଆଇଟି ବାବା



# ଜୀବନର ଶେଷଯାଏ ଗାଉଥିବି









ପିଲାଟିଦିନରୁ ସେ ରେଡିଓରୁ ଗୀତ ଶୁଣି ମନେମନେ ଗାଉଥିଲେ। ଏହି ସଙ୍ଗୀତର ନିଶା ପରବର୍ତ୍ତୀ ସମୟରେ ତାଙ୍କର ପେସା ପାଲଟିଗଲା। ରେଡିଓ, ସିନେମା, ଟିଭି ଧାରାବାହିକ, ଆଲବମ୍ ଆଦି କ୍ଷେତ୍ରରେ ତାଙ୍କର କଣ୍ଠସ୍ୱର ବେଶ ବାରିହୋଇପଡ଼େ। ସେ ହେଲେ ଲୋକପ୍ରିୟ ଗାୟକ **କରୁଣାକର** । ମାତା ସୁଷମା ସେଠୀ, ପିତା ମାୟାଧର ସେଠୀ। ଘର ଜଗତ୍‌ସିଂହପୁର ଜିଲାର ମଙ୍ଗରାଜପୁରରେ। ସେ କୁହନ୍ତି, ବାପା ଜଣେ ରେଲ୍‌ୱେ କର୍ମଚାରୀ, ବୋଉ ଗୃହିଣୀ। ଆମେ ଚାରିଭାଇ, ସେମାନଙ୍କ ମଧ୍ୟରେ ମୁଁ ବଡ଼ମଝିଆ। ପିଲାଟିଦିନରୁ ଗୀତ ଶୁଣିବାକୁ ମୋତେ ବହୁତ ଭଲ ଲାଗୁଥିଲା। ଶୁଣିଥିବା ଗୀତକୁ ମନେମନେ ଗାଉଥିଲି। ମୋର କଣ୍ଠଶ୍ୱର ଶୁଣି ଅନ୍ୟମାନେ ମୋତେ ବହୁତ ପ୍ରଶଂସା କରୁଥିଲେ। ହାଇସ୍କୁଲରେ ଆୟୋଜିତ ଶିଶୁ ମହୋତ୍ସବରେ ଗୀତଗାଇ ପ୍ରଥମ ସ୍ଥାନ ପାଇଥିବାରୁ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ବହୁତ ପ୍ରଶଂସା କରୁଥିଲେ। ସ୍କୁଲ ପରେ ରେଭେନ୍ସାରେ ରାଜନୀତି ବିଜ୍ଞାନରେ ସ୍ନାତକ ପଢିଲି। ସେହି ସମୟରେ କଲେଜରେ ଆୟୋଜିତ ଗୀତ ପ୍ରତିଯୋଗିତାରେ ଭାଗନେଉଥିଲି। କଲେଜରେ ଡ୍ରାମାଟିକ ସେକ୍ରେଟାରୀ ମଧ୍ୟ ଥିଲି। ଯେତେବେଳେ ଆମ ଗାଁ ଏବଂ ଆଖପାଖ ଗାଁରେ ଯେଉଁଠି ସାଂସ୍କୃତି କାର୍ଯ୍ୟକ୍ରମ ହୁଏ ସେଠାରେ ଭଜନ ଗାଇବାକୁ ମୋତେ ଡାକନ୍ତି। ପ୍ରତିଦିନ ରେଡିଓରୁ ଗୀତ ଶୁଣିବାବେଳେ ମୋର ଇଚ୍ଛା ହୁଏ ମୁଁ କେମିତି ରେଡିଓରେ ଗୀତ ଗାଆନ୍ତି। ମନଥିଲେ ଉପାୟ ଆସେ । ସେମିତି ସୁଯୋଗ ମିଳିଲା। ଆକାଶବାଣୀରେ ଯାଇ ଗୀତ ଗାଇଲି। ଗୁରୁ ଶ୍ରୀ ଗୋପାଳ ଚନ୍ଦ୍ର ପଣ୍ଡାଙ୍କଠାରୁ ସଙ୍ଗୀତ ଶିକ୍ଷାରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାଲାଭ କଲି। ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ଗାୟକ ପ୍ରସନ୍ନଜିତ ମହାନ୍ତି, କବି ପୀତାମ୍ବର ତରାଇ, ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ, ଅଭିଜିତ୍ ମଜୁମଦାରଙ୍କ ପ୍ରେରଣା ସହ ସୁବାସ ଦାସ, ଅକ୍ଷୟ ମହାନ୍ତି, ମହମ୍ମଦ ଅଜିଜ୍, ଗୁଲାମ ଅଲ୍ଲୀଙ୍କ ଗାଇବା ଶୈଳୀର ପ୍ରଭାବ ମୋ ଉପରେ ପଡ଼ିଲା। ୨୦୦୧ମସିହାଠାରୁ ଜଣେ ପେସାଦାର କଣ୍ଠଶିଳ୍ପୀଭାବେ ସଙ୍ଗୀତ ଜୀବନ ଆରମ୍ଭ ହେଲା। ପ୍ରଥମ କ୍ୟାସେଟ 'ତାରିଣୀ ଡୋରି' ଓ ପ୍ରଥମ ଚଳଚ୍ଚିତ୍ର 'ରଙ୍ଗ୍ ନମ୍ବର'ରେ କଣ୍ଠଦାନ କରିଥିଲି। ଏଥିପାଇଁ ପ୍ରଥମେ ଅଭିଜିତ୍ ମଜୁମଦାର ଓ ଅରୁଣ ମନ୍ତ୍ରୀ ମୋତେ ସୁଯୋଗ ଦେଇଥିଲେ। । ସେହିପରି ଶରଣ ଦେ କି ମରଣ ଦେ, କେଡ଼େ ଭୁଲ୍‌ଟାଏ କଲି, ତୁମେ ମୋର ସକାଳ ବିଭୂତି, କ୍ଷମାକର ଜଗନ୍ନାଥ ଆଦ ଅନେକ ଭଜନରେ କଣ୍ଠଦାନ କରିଛି। ୧୯୯୫ରୁ ଯୁବବାଣୀରେ ଭୋକାଲ ଆର୍ଟିଷ୍ଟ ,୨୦୧୩ରୁ ଏ ଗ୍ରେଡ୍ ଭୋକାଲ ଆର୍ଟିଷ୍ଟ ,୧୯୯୯ ମସିହାରୁ ଯୁବବାଣୀରେ ଉପସ୍ଥାପକ ଏବଂ ୨୦୦୩ରୁ ଘୋଷକଭାବେ କାର୍ଯ୍ୟ କରୁଛି। ଭଲପାଇବାଟା ପାପ ନୁହେଁ, ଚାଲ ଗାଁକୁ ଯିବା ଫେରି , ଲହରିରେ ଲହରି, ହାଏ ଲୋ ମୋର ଫୁଲେଇ ରାଣୀ, ଛାତି ତଳେ ମାରି ଦେଲୁ ତାଳଫୋଟକା, ଏଇ ସହରର ରାଜପଥ ଧାରେ ଆଦି ଆଲବମ୍, ସେହିପରି ଚଳଚ୍ଚିତ୍ର ଭାବେ – ଆ ଜହ୍ନରେ ଲେଖିବା ନାଁ, ଶତ୍ରୁ ସଂହାର, ତୁମେ ହିଁ ସାଥୀ ମୋର, ପାଗଳ କରିଛି ପାଉଁଜି ତୋର, ମୁଁ କ'ଣ ଏତେ ଖରାପ, ଲାଲପାନ ବିବିର ସ୍ମାର୍ଟ ଫ୍ୟାମିଲି, ରକ୍ତ ସମ୍ପର୍କ ଆଦି ବହୁ ସିନେମାରେ କଣ୍ଠଦାନ କରିଛି। ବିଭିନ୍ନ ଚାନେଲରେ ପ୍ରସାରିତ ଅଣଓଡ଼ିଆ ଧାରାବାହିକଗୁଡ଼ିକରେ ଜଣେ ଡବିଂ କଳାକାର ଭାବେ ସାମାଜିକ ଧାରାବାହିକରେ ନାୟକ, ପାର୍ଶ୍ୱ ନାୟକ ଏବଂ ପୌରାଣିକ ଧାରାବାହିକରେ ନାରଦ, କୃଷ୍ଣ, ବିଷ୍ଣୁ, ମହାଦେବ ଆଦି ଚରିତ୍ର ପାଇଁ ଡବିଂ ଭଏସ୍ ଦେଇଛି। ଗୀତ ଗାଇବା ସହିତ ଅନେକ ଗୀତର ସଙ୍ଗୀତ ନିର୍ଦ୍ଦେଶନା ବି ଦେଇଛି। ଆକାଶବାଣୀ ଓ ଦୂରଦର୍ଶନର ମ୍ୟୁଜିକ କମ୍ପୋଜରଭାବେ ସ୍ୱୀକୃତି ପାଇଛି। ମୋ ଜୀବନର ଗୋଟିଏ ସତ୍ୟ ହେଲା ନିଜେ ଗାଇଥିବା ଗୀତକୁ ନେଇ ମୁଁ କେବେ ସନ୍ତୁଷ୍ଟ ନ ଥାଏ। କାରଣ ମୋତେ ଲାଗେ ସେଥିରେ ଆଉ କିଛି ରହିଗଲା ଆଉ କ'ଣ କରିଥିଲେ ଆଉ ଟିକେ ଭଲ ହୋଇଥାନ୍ତା। ମୋର ଆଶା ସବୁବେଳେ ମୋତେ ଗୀତ ଗାଇବାକୁ ମିଳୁ,ଏମିତି କି ମଲାପରେ ବି ସେ ଗୀତ ଶୁଭୁଥିବ। ଥରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଡାକରା ଆସିଲା। ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି, କାରଣ ମୁଁ ବେଶି ସଂଖ୍ୟାରେ ସିନେମା ଗୀତ ଗାଇ ନାହିଁ ଯେ ସେମିତି ଗୀତର କଣ୍ଠସ୍ୱର ପାଇଁ ମୋତେ ପୁରସ୍କୃତ କରାଯିବ। କିନ୍ତୁ ଫେରିଆ କମ୍ ବ୍ୟାକ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଥରେ ଏକ ହିନ୍ଦୀ ଭଜନ ପାଇଁ ଡମି ଭଏସ୍ ଦେଇଥିଲି। ସେହି ଭଜନର ଡମି ଭଏସ୍ ଶୁଣି ଜଣାଶୁଣା କଣ୍ଠଶିଳ୍ପୀ ସୁରେଶ ୱାର୍ଡ଼କର ମୋ ସହିତ କଥା ହୋଇ ମୋତେ ବହୁତ ପ୍ରଶଂସା କରିଥିଲେ। ସେବେଠାରୁ ସବୁପ୍ରକାର ଗୀତ ଗାଇବାକୁ ପସନ୍ଦ କଲି । ଥରେ ଗୋଟିଏ ଗୀତକୁ ଭିନ୍ନ ଧାରାରେ କଣ୍ଠ ଦାନ ପାଇଁ ମୋତେ ଅଭିଜିତ୍ ମଜୁମଦାର କହିଥିଲେ। ଯୋଗକୁ ହାଏ ଲୋ ମୋର ଫୁଲେଇ ରାଣୀ, ଛାତି ତଳେ ମାରି ଦେଲୁ ତାଳଫୋଟକା, ଗୀତ ବେଶ୍ ଲୋକପ୍ରିୟ ହୋଇପାରିଥିଲା । ଏଥିରୁ ଜାଣି ପାରିଲି ଯେ ମୁଁ ସବୁ ପ୍ରକାର ଗୀତ ଗାଇପାରିବି। ମୋ ପରିବାର ଓ ପତ୍ନୀଙ୍କର ସହଯୋଗ ଆଜି ମୋର ଏପର୍ଯ୍ୟନ୍ତର ଯାତ୍ରାକୁ ସହଜ କରିଛି।

–ବନବିହାରୀ ବେହେରା







## ତୋ ପ୍ରେମରେ

**ରାଜଶ୍ରୀ ରଞ୍ଜିତା ହରିଚନ୍ଦନ**

ଟିପେ ସ୍ୱପ୍ନର ନାଲି
ଯେବେ ଭରିଦେଲୁ ମୋ ମଥାରେ
ମୁଁ ତାକୁ ଦାମ୍ପତ୍ୟ ବୁଝିଲି,
ହୁଏତ କାହା ପାଇଁ ସେ ଖେଳନା ।

ପଟେ ଚୁଡ଼ି ଯେବେ
ମୋ ହାତରେ ପିନ୍ଧାଇ ଦେଲୁ
ମୁଁ ତାକୁ ଆୟୁଷ ବୁଝିଲି,
ହୁଏତ କାହାପାଇଁ ସେ ଯନ୍ତ୍ରଣା ।

ଆଞ୍ଜୁଳାଏ ପ୍ରେମର ବୀଜ
ଯେବେ ବିଂଚିଦେଲୁ
ମୋ ଅନାବୃତ ଅଙ୍ଗରେ
ମୁଁ ତାକୁ ଜୀବନ ବୁଝିଲି,
ହୁଏତ କାହା ପାଇଁ ସିଏ କାମନା !

*-ଅଡାଳ, ବଡାଳ,*
*ନିରାକାରପୁର, ପୁରୀ*

# ସତ୍ କାମନା

**-ଅଲେଖ ଚନ୍ଦ୍ର ମିଶ୍ର**

ସେଦିନ ଅନେକ ରାତି ପର୍ଯ୍ୟନ୍ତ ବିଛଣାରେ ପଡି ଛଟପଟ ହେଉଥିଲେ ଉପାଧ୍ୟାୟ । ଡାକ୍ତର ରିପୋର୍ଟ ଦେଇଛନ୍ତି ବୋଉର ଜୀବନ ବିପନ୍ନ, ଶୀଘ୍ର ଅପରେଶନ ନ କଲେ ତାଙ୍କର ଜୀବନ ବଞ୍ଚେଇବା ସମ୍ଭବ ହେବନାହିଁ । ତୁରନ୍ତ ପଚାଶ ହଜାର ଟଙ୍କା ଦାଖଲ କରିବାକୁ ପଡ଼ିବ । ହେଲେ ଏତେ ଟଙ୍କା ଦେଖିବା ତ ଦୂରର କଥା କେବେ ସେ କାନରେ ବି ଶୁଣି ନାହାନ୍ତି । ତାଙ୍କ ଆଖି ଆଗରେ ନିଜର ପ୍ରିୟ ଜନ୍ମଦାତ୍ରୀର ଅକାଳ ମୃତ୍ୟୁ ଘଟିବ, ଅଥଚ ସେ କିଛି କରି ପାରିବେ ନାହିଁ, ୟା'ଠାରୁ ବଳି ଦୁଃଖର କଥା ଆଉ କ'ଣ ଥାଇପାରେ ? ନିଜକୁ ଧିକ୍କାରୁଥିଲେ ସେ, ତାଙ୍କ ଭଳି ପୁଅ ଜନ୍ମ ହେବା ଯେପରି ନିରର୍ଥକ ତାଙ୍କୁ ଜନ୍ମ ଦେବା ସେହିପରି ଦୁର୍ଭାଗ୍ୟ । ଗୋଟିଏ ପଟେ ଅପରେଶନ ପାଇଁ ଦରକାର ଥିବା ପଚାଶ ହଜାର ଟଙ୍କା, ଅନ୍ୟ ପଟେ ମା'ର ଜୀବନ । ଦୁଇଟି ଯାକ ଏକାଭଳି ସଙ୍କଟ । ଏତେ ଟଙ୍କା ସେ କେଉଁଠୁ ପାଇବେ, ବୋଉକୁ ବି କେମିତି ମୂର୍ଚ୍ଛିବେ । ଆଗ ପଛରେ ଦୁଇଟି ନିଆଁ ହୁଳା, ମଝିରେ ଅଟକି ରହିଥିବା ଭଳି ଅସହାୟ ହୋଇ ପଡୁଥିଲେ ଉପାଧ୍ୟାୟ । ବାଷ୍ପରୁଦ୍ଧ କଣ୍ଠରେ ମୁହଁରୁ ତାଙ୍କର ନିର୍ଗତ ହେଲା, ହେ ଭଗବାନ, ପୁଅଟିଏ ଯଥାଶକ୍ତି ତା' ମା'ର ଋଣ ଶୁଝିବାକୁ ଚାହୁଁଛି ଅଥଚ ସେ ଉପାୟ ପାଉନି । ଶୁଣିଛି ତୁମେ ସର୍ବଦା ଧର୍ମକୁ ସମର୍ଥନ କର । ମା'ର ସେବା କରିବା ଯଦି ଧର୍ମର ନିଦର୍ଶନ ତେବେ ଏ ସମସ୍ୟା ତୁମରି ପାଦତଳେ ସମର୍ପି ଦେଉଛି ପ୍ରଭୁ, ତୁମେ ଭରସା ।

କଡମୋଡ଼ି ଶୋଇବାକୁ ଚେଷ୍ଟା କରୁଥିଲେ ଉପାଧ୍ୟାୟ । ହଠାତ୍ ତାଙ୍କ ଅଗଣାରେ ଭାରି ଜିନିଷଟିଏ ପଡ଼ିବାର ଆବାଜ ଶୁଭିଲା । ଦରଜା ଖୋଲି ଦେଖିଲେ ଦୃଢ଼ ଭାବରେ ବନ୍ଧା ହୋଇଥିବା ଏକ କାନଭାସ ବ୍ୟାଗ । ଅତି ସନ୍ତର୍ପଣରେ ସେଇଟିକୁ ଉଠେଇ ଆଣି ଦରଜା ବନ୍ଦ କରିଦେଲେ । ଖୋଲି ଯାହା ଦେଖିଲେ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ପାଞ୍ଚଶହ ଟଙ୍କିଆ ବିଡା ବିଡା ନୋଟ୍ ତା' ଭିତରେ ଏମିତି ଖୁନ୍ଦି ହୋଇଥିଲା ଯେ ତାକୁ ଗଣିବାକୁ ଓଳିଟିଏ ଲାଗିଯିବ । ଯଥାଶୀଘ୍ର ତାକୁ ଆଲମିରାରେ ରଖିଦେଇ ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡିଲେ, ହେ ପ୍ରଭୁ ଶୁଣିଥିଲି ତୁମେ ଯେତେବେଳେ ଦିଅ ଛପର ଫାଡ଼ିକରି ଦିଅ । ଇଏ କ'ଣ ତେବେ... । ବ୍ୟତିବ୍ୟସ୍ତ ଅବସ୍ଥାରେ ଇତସ୍ତତଃ ଚାହୁଁଥିଲା ବେଳେ ଶୁଭିଲା ପଡିଶା ଘର ଗେଟ୍ ସାମ୍ନାରେ କିଛି ଗାଡ଼ି ବ୍ରେକ ମାରିବାର ଶବ୍ଦ । ଝରକା ଅଳ୍ପ ଖୋଲି ଦେଖିଲେ ତାଙ୍କ ଘରର ସଦସ୍ୟମାନଙ୍କ ମଧ୍ୟରେ ଖେଳି ଯାଉଥିବା ଆତଙ୍କର ହାଲାହୋଳି ଓ କିଛି ପୁଡ଼ା ପୁଟୁଳି ବାହାରକୁ ଫିଙ୍ଗା ଯାଉଥିବାର ଦୃଶ୍ୟ । ପଡୋଶୀଙ୍କର ଦରଜାରେ ଠକ୍ ଠକ୍ ଆବାଜ ସହିତ ଭାସି ଆସୁଥିଲା ରୁକ୍ଷ କଣ୍ଠ ସ୍ୱର ଭିଜିଲାନ୍ସ ..., ଶୀଘ୍ର ଦରଜା ଖୋଲ ନ ହେଲେ ... ।

*-ସାରଦାଶ୍ରୀ,*
*୯୦୪, ଶାସ୍ତ୍ରୀନଗର, ୟୁନିଟ-୪, ଭୁବନେଶ୍ୱର,*
*ମୋ: ୯୪୩୮୬୭୩୮୯୮*

## ଜିଅନ୍ତା ଶବ

**- ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

ଆତ୍ମା
ଶରୀରକୁ ଛାଡି ଚାଲିଗଲା ପରେ
ଶରୀର ଶବ ହୋଇଯାଏ ।
ଆତ୍ମା ଥିଲେ ବି' ଶରୀରରେ
ଶରୀର ଶବଟିଏ ଭଳି ଲାଗେ
ବେଳେ ବେଳେ,
ଜୀବନ ଥାଇ ବି ଜିଅନ୍ତା ଶବର ପରିଚୟରେ
ବଞ୍ଚିବାକୁ ପଡ଼େ ।
ସଂସାରରେ ଜନ୍ମ ନେଲା ପରେ
ବହୁତ ଖୁସି ଲାଗେ: କିନ୍ତୁ
ପରେ ପରେ ସଂସାରର ଅଳନ୍ଧୁ
ଆମକୁ ଛାଡ଼େନି ।
କାମ, କ୍ରୋଧ, ମାୟା,ବନ୍ଧନ
ଏସବୁର ମାୟା ଜାଲରେ
ଆମେ ସୁରକ୍ଷିତ ହୋଇ ରହୁ,
ଆତ୍ମା ଓ ହୃଦୟ ଥିଲେ ବି ଆମର
ଆମେ ଜିଅନ୍ତା ଶବଟିଏ ହୋଇଯାଉ ।
ଏତିକି ଫରକ
ଶବ ମଶାଣି ଭୂଇଁର କଥା କହେ
ମାତ୍ର ଜିଅନ୍ତା ଶବ
ଏ ସଂସାରର କଥା କୁହେ
ଶବରୁ ଶିବ ହେବା ପାଇଁ
ବାଟ ଦେଖାଯାଏ,
ହାରିଯିବା ପାଇଁ ନୁହେଁ
ଜିତିବା ପାଇଁ
ଆଲୋକ ଦେଖାଏ ।

*- ପୁରୁଣା ସହର, ନୟାଗଡ*
*ମୋ: ୯୯୩୮୩୦୯୬୫୨*





# ଜନ୍ମଦିନ ଉପହାର


ସମ୍ମିତ

ଏବେ ସମ୍ମିତଙ୍କ ଖୁସି କହିଲେ ନ ସରେ। ସେ ବା କେମିତି ଖୁସି ନ ହେବେ କହୁନାହାନ୍ତି ? ପ୍ରଥମ କଥା ହେଲା, ତାଙ୍କ ଅଭିନୀତ ତଥା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ସନାତନୀ' ଚଳିତ ମାସ ୭ ତାରିଖରେ ରିଲିଜ ହୋଇଛି। ଅନ୍ୟପକ୍ଷରେ ଏବେ ତାଙ୍କ ହାତରେ ଆଉ ଏକ ସିନେମା। ଅର୍ଥାତ୍, 'ସନାତନୀ'ର ପ୍ରଯୋଜନା କରିଥିବା ଓଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ ବିଜୟ କାନ୍ଦୋଇ ତାଙ୍କର ଆଗାମୀ ଫିଲ୍ମ 'ଚୋରାବାଲି' ପାଇଁ ସମ୍ମିତଙ୍କୁ ସାଇନ୍ କରାଇଛନ୍ତି। ଏହାର କାହାଣୀ ରହସ୍ୟ ରୋମାଞ୍ଚ ଉପରେ ଆଧାରିତ। ସବୁଠାରୁ ଖାସ୍ କଥା ହେଲା, ଉକ୍ତ ଫିଲ୍ମକୁ ସେ ତାଙ୍କର ଜନ୍ମଦିନରେ ହିଁ ସାଇନ୍ କରିଛନ୍ତି। ଏ ନେଇ ସମ୍ମିତ କହନ୍ତି, 'ଏହି ନୂଆ ସିନେମା ମୋ ଆକ୍ଟିଂ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ହେବ ବୋଲି ଆଶା ରଖିଛି। ସସପେନ୍ସ ଥ୍ରୀଲର୍ କାହାଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯିବ। ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ। ଏହି ବ୍ୟାନରରେ ମୋତେ ବ୍ୟାକ୍-ଟୁ-ବ୍ୟାକ୍ ଅଭିନୟ କରିବାର ସୁଯୋଗ ମିଳିଛି। ଏ ନେଇ ମୁଁ ବିଜୟ ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'' ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ନବାଗତ ସ୍ମୃତି ଆର.। ବିଦିଶା କ୍ରାଫ୍ଟ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ମାନସ ପଡ଼ିହାରୀ। ଫିଲ୍ମର ଅବଶିଷ୍ଟ କାଷ୍ଟିଂ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ରହସ୍ୟ ଖୋଲିଲେ ଉର୍ବଶୀ

ଉର୍ବଶୀ ରୌତେଲା ଦୀର୍ଘ ୧୨ ବର୍ଷ ଧରି ଅଭିନୟ ଦୁନିଆ ସହ ଜଡିତ ଅଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କ ଅଭିନୀତ ଗୋଟିଏ ବି ସିନେମା ବକ୍ସ ଅଫିସରେ ଭଲ ବିଜନେସ କରିପାରି ନାହିଁ। ଉର୍ବଶୀଙ୍କୁ ପ୍ରଥମେ ୨୦୧୩ରେ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଫିଲ୍ମଟି ଥିଲା 'ସିଂ ସାହାବ ଦ ଗ୍ରେଟ୍' ଯେଉଁଥିରେ ସେ ସନି ଦେଓଲଙ୍କ ନାୟିକା ସାଜିଥିଲେ। ତା'ପରେ 'ଇସକ୍‌ଜ୍ୟାଦେ' ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ହେଲେ କେତେକ କାରଣରୁ ସେ ଏହାକୁ ପ୍ରତ୍ୟାଖାନ କରିଥିଲେ। ଯାହାର ପ୍ରକୃତ ରହସ୍ୟ ସେ ଏବେ ଖୋଲିଛନ୍ତି। ଏ ନେଇ ଉର୍ବଶୀ କହନ୍ତି, ''ସତ କଥା ହେଲା ସେତେବେଳେ ମୁଁ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଥାଏ। ତେଣୁ ଅନ୍ୟ ବିଷୟରେ ମୁଣ୍ଡ ଖେଳାଇବାକୁ ଚାହୁଁ ନ ଥିଲି। ସେଥିପାଇଁ ମୋ ପାଖରେ ସମୟ ନାହିଁ କହି ସେହି ଅଫରଟିକୁ ହାତଛଡା କରିଥିଲି।''୨୦୦୯ରେ ସେ ମିସ୍ ଟିନ୍ ଇଣ୍ଡିଆ ଟାଇଟଲ୍ ବିଜୟିନୀ ହୋଇଥିଲେ। ଏହାପରେ ସେ ମିସ୍ ଏସିଆନ୍ ସୁପର ମଡେଲ, ଇଣ୍ଡିଆନ୍ ପ୍ରିନସେସ ଏବଂ ୨୦୧୫ରେ ମିସ୍ ଡିଭା ୟୁନିଭର୍ସ ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଥିଲେ। ଅନେକ ଫିଲ୍ମ ଫ୍ଲପ୍ ହେବାପରେ ଏବେ କିନ୍ତୁ ପ୍ରଥମଥର ପାଇଁ ତାଙ୍କ ଅଭିନୀତ 'ଡାକୁ ମହାରାଜ' ଫିଲ୍ମ ବକ୍ସ ଅଫିସ୍‌ରେ ଧୁମ୍ ମଚଉଛି। ତା'ସହ ବର୍ତ୍ତମାନ ସେ 'କସୁର ୨' ହିନ୍ଦୀ ସିନେମାରେ ବି ଅଭିନୟ କରୁଛନ୍ତି।


ଉର୍ବଶୀ

# ଖୁସି ଅପେକ୍ଷାରେ ଖୁସି

ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁର ଏବେ ଆମୀର ଖାଁଙ୍କ ପୁଅ ଜୁନେଦ ଖାଁଙ୍କ ସହ 'ଲଭୟାପା' ନାମକ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବେ। ଏକ ଟିନ୍ ଏଜ୍ ପ୍ରେମକାହାଣୀକୁ ନେଇ ଏହାକୁ ନିର୍ମାଣ କରାଯାଇଛି। ଏହି ଫିଲ୍ମର ସଫଳତାକୁ ନେଇ ଖୁସି ଢ଼େର ଆଶାବାଦୀ ଅଛନ୍ତି। ଏନେଇ ଖୁସି କହନ୍ତି, ''ଦ ଆର୍ଚ୍ଚିସ୍ ଚଳଚ୍ଚିତ୍ରରୁ ବଲିଉଡ୍‌ରେ ମୋର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ଏବେ ମୁଁ ମୋର ଦ୍ୱିତୀୟ ଚଳଚ୍ଚିତ୍ର 'ଲଭୟାପା'ରେ ବ୍ୟସ୍ତ ଅଛି। ଏଥିରେ ମୋତେ ମିଳିଥିବା ଭୂମିକାକୁ ଠିକ୍ ଭାବରେ ତୁଲାଇବାକୁ ଚେଷ୍ଟା କରିଛି। ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛି। ଭବିଷ୍ୟତରେ ଯଦି ଭଲ ଅଫର ମିଳିଲା ତେବେ ନିଶ୍ଚୟ ଗ୍ରହଣ କରିବି। ଏଣୁତେଣୁ ଗୁଡାଏ ଫିଲ୍ମରେ ଅଭିନୟ କରି କେବଳ ସଂଖ୍ୟା ବଢ଼ାଇବା ଚକ୍କରରେ ମୁଁ ନାହିଁ।'' ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ଜୁନେଦ ଖାଁ। ଖାସ୍ କଥା ହେଲା ସୁପରହିଟ୍ ତାମିଲ ଫିଲ୍ମ 'ଲଭ୍ ଟୁଡେ'ର ଏହା ହେଉଛି ରିମେକ୍। ଏଥିରେ ଆଶୁତୋଷ ରାଣା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଫିଲ୍ମଟି ଖୁସିଙ୍କ ପାଇଁ କେତେ ଖୁସି ଆଣିବ ତାହା ଦେଖିବାକୁ ବାକି ରହିଲା।



ଖୁସି


ସୋନମ

# ଯଦି ଦୀପିକା ରାଜି ହୋଇଥାଆନ୍ତେ...

ସୋନମ କପୁରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ସାୱରିୟାଁ'ରୁ। ବିଶିଷ୍ଟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ଏହି ଫିଲ୍ମର ନାୟିକା କିଏ ହେବ ସେ ନେଇ ତାଙ୍କୁ ବେଶ୍ କସରତ କରିବାକୁ ପଡିଥିଲା। କାହାଣୀ ଅନୁସାରେ ଏଥିରେ ସେ ଦୀପିକା ପାଦୁକୋନ୍‌ଙ୍କୁ ନେବାକୁ ଚାହୁଁଥିଲେ। ହେଲେ ତାଙ୍କ ସହ ଯୋଗାଯୋଗ ହେବା ପରେ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇ ନ ଥିଲେ। ତା'ପରେ ସଞ୍ଜୟ ନିଜ ମନ ବଦଳାଇ ଏହି ଫିଲ୍ମରେ ଜଣେ ନବାଗତାଙ୍କୁ ଏଣ୍ଟ୍ରି କରାଇବାକୁ ସ୍ଥିର କଲେ। ଏ ବିଷୟରେ ମାନସ ମନ୍ଥନ ହେଉଥିବା ବେଳେ ସୋନମ କପୁରଙ୍କ ବିଷୟରେ କିଛି ସମୟ ଚିନ୍ତା କଲେ। ବାସ୍ ତା'ପରେ ଡେରି ନ କରି ତାଙ୍କୁ ଯୋଗାଯୋଗ କରାଗଲା ଏବଂ ସେ ଏହି ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଯାଇଥିଲେ। ହେଲେ ଯଦି ଦୀପିକା ପ୍ରଥମେ ହଁ ଭରିଥାଆନ୍ତେ, ତେବେ ହୁଏତ ଏହି ସୁଯୋଗ ସୋନମଙ୍କ ହାତରୁ ଖସି ଯାଇଥାଆନ୍ତା। ମାତ୍ର ୪୫କୋଟି ବଜେଟ୍‌ରେ ପ୍ରସ୍ତୁତ ଉକ୍ତ ଚିତ୍ର ୨୦୦୭ରେ ରିଲିଜ ହୋଇ ଅଶାନୁରୂପ ବିଜନେସ୍ କରିବାରେ ସକ୍ଷମ ହୋଇଥିଲା।

# ମିଳିଗଲେ ଗୁରୁ


ବରୁଣ

ଯାହାହେଉ ବେଶ୍ କିଛି ବର୍ଷ ଅପେକ୍ଷା କରିବା ପରେ ବରୁଣ ଧୱନଙ୍କୁ ତାଙ୍କର ଆକ୍ସନ ଗୁରୁ ମିଳିଯାଇଛନ୍ତି। ସେ କିଏ ଜାଣନ୍ତି ? ସନି ଦେଓଲ। କଥା କ'ଣ କି ଏବେ ଚର୍ଚ୍ଚାରେ ଥିବା ନୂଆ ହିନ୍ଦୀ ସିନେମା 'ବର୍ଡର ୨'ରେ ଉଭୟ ସନି ଏବଂ ବରୁଣ ଅଭିନୟ କରୁଛନ୍ତି। ବରୁଣଙ୍କୁ ଯେତେବେଳେ ଏହି ଅଫର ମିଳିଲା ସେ ବିଳମ୍ବ ନ କରି ଏଥିରେ ଅଭିନୟ କରିବାକୁ ହଁ ଭରିଥିଲେ। ନିକଟରେ ସେ ଏହି ଫିଲ୍ମରେ ତାଙ୍କ ଅଭିନୀତ କେତୋଟି କ୍ଲିପ୍‌କୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି। କେବଳ ସେତିକି ନୁହେଁ, ଏଗୁଡିକ ବେଶ୍ ଭାଇରାଲ ବି ହୋଇଛି। ଏହି ଫିଲ୍ମ ବିଷୟରେ ସେ କହନ୍ତି, ''ସବୁଠାରୁ ଖାସ୍ କଥା ହେଲା ସନି ଦେଓଲଙ୍କ ପରି ବିଶିଷ୍ଟ ଅଭିନେତାଙ୍କ ସହ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏହି ଫିଲ୍ମର ଶୁଟିଂ ସମୟରେ ମୋତେ ଗୋଟିଏ ଜିନିଷ ମିଳିଯାଇଛି। ଅର୍ଥାତ୍, ମୋତେ ମୋ ଆକ୍ସନ ଗୁରୁ ମିଳିଯାଇଛନ୍ତି। ସନି ସାରଙ୍କୁ ଏ ନେଇ ଯେତେବେଳ ମୁଁ କହିଲି ସେ ମୋତେ ବେଶ୍ କେତୋଟି ଟିପ୍ସ ଦେଇଥିଲେ। ଏଗୁଡିକ ମୋ କ୍ୟାରିୟର ପାଇଁ ନିଶ୍ଚୟ ସହାୟକ ହେବ।'' ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଜେ.ପି.ଦତ୍ତା। ନିର୍ଦ୍ଦେଶନା ଦେଉଛନ୍ତି ଅନୁରାଗ ସିଂ। ଏଥିରେ ସୁନୀଲ ସେଟ୍ଟିଙ୍କ ପୁଅ ଆହାନ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ଟାଇଟଲ ମିଶନ

ସାରା ଅଲ୍ଲୀ ଖାଁଙ୍କ ଟେନସନ ଏବେ ଟିକେ ବଢ଼ିଯାଇଛି। କାରଣ ଅଭିନୟ କରିବା ସହ ତାଙ୍କୁ ଆଉ ଏକ ଦାୟିତ୍ୱ ତୁଲାଇବାକୁ ପଡିବ। ତାହା କ'ଣ ଜାଣିନ୍ତି ? ଟାଇଟଲ ଖୋଜିବା। ଅସଲ କଥା ହେଲା ସାରା ନିକଟରେ ଏକାଥରେ ଦୁଇଟି ନୂଆ ସିନେମା ସାଇନ୍ କରିଛନ୍ତି। ହେଲେ ଫିଲ୍ମଦ୍ୱୟର ଟାଇଟଲ ଫାଇନାଲ ହୋଇନାହିଁ। ଏ ବିଷୟରେ ଆଲୋଚନା ହେଉଥିବା ବେଳେ ସାରା ଏହି ଦାୟିତ୍ୱ ନେବାକୁ ପରୋକ୍ଷରେ ସୂଚନା ଦେଇଥିଲେ। ବାସ୍, ତା'ପରେ ପ୍ରଯୋଜନା ସଂସ୍ଥା ଏଥିପାଇଁ ତାଙ୍କୁ ସବୁଜ ସଙ୍କେତ ଦେଇଛି। ଆଉ ତା'ପରେ ସାରାଙ୍କ ଖୁସି ଦେଖେ କିଏ। ଏବେ ସେ ଅଧିକାଂଶ ସମୟ ଭାବିବାରେ ବିତାଉଛନ୍ତି। ଅର୍ଥାତ୍, କେମିତି ଏହି ଫିଲ୍ମଦ୍ୱୟ ପାଇଁ ମନଲାଖି ଟାଇଟଲ୍‌ଟିଏ ମିଳିବ ସେଥିପାଇଁ ପୁରାଦମ୍‌ରେ ଲାଗିପଡିଛନ୍ତି। ତାଙ୍କର ଏହି ଟାଇଟଲ ମିଶନ କିପରି ଶେଷ ହେଉଛି ତାହା ଅଳ୍ପଦିନ ଭିତରେ ଜଣାପଡିଯିବ।


ସାରା

# ବୋଉ ପାଇଁ ଶାଢ଼ି ଓ ମିଠା କିଣିଥିଲି

**ପ୍ରଥମ ରୋଜଗାର...**



କବି **ଜୟଦେବ ବେହେରା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ** ଘର ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗାଁରେ । ପିଲାବେଳୁ ପାଠରେ ଖୁବ୍ ଭଲ ଥିଲି । ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାସ୍ କରିବା ପରେ ଆମ ଗାଁ ପାଖରେ ନୂଆ କରି ଖୋଲିଥିବା ଏକ ବେସରକାରୀ କଲେଜ ; ଯାହାର ନାଁ ରାଧାବଲ୍ଲଭ ମହାବିଦ୍ୟାଳୟ, ସେଠାରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ ଯୋଗଦେଲି । ସେ ପୁଣି ବିନା ବେତନରେ । ମଝିରେ ମଝିରେ କଲେଜ ମ୍ୟାନେଜମେଣ୍ଟ ତରଫରୁ ଯେଉଁ ଶହେ କି ଦୁଇ ଶହ ଟଙ୍କା ମିଳୁଥିଲା, ତାହା ମୋ ଲୁନାରେ ତେଲ ପକାଇବାରେ ସରିଯାଉଥିଲା । ଏମିତି ପ୍ରାୟ ୩ ବର୍ଷ ଅଧ୍ୟାପନା କରିବା ପରେ ରେଗୁଲାର ଶିକ୍ଷକ ପଦବୀ ପାଇଁ ଆବେଦନ କରିବାକୁ ଏକ ସରକାରୀ ବିଜ୍ଞାପନ ବାହାରିଲା । ବାଧ୍ୟ ହୋଇ ସେଥିରେ ଆବେଦନ କଲି । କାରଣ ସେତେବେଳକୁ ସରକାରୀ ଚାକିରି ପାଇବାର ପରିସର ସଙ୍କୁଚିତ ତଥା କଷ୍ଟସାଧ୍ୟ ହେବାକୁ ଆରମ୍ଭ ହୋଇଯାଇଥିଲା । ମୋ ପରି ଶହ, ଶହ ଯୁବକ ଯୁବତୀ ଛୋଟ ପଦବୀ ହେଉ ପଛେ ସରକାରୀ ଚାକିରି ପାଇଁ ପ୍ରାଣପଣେ ଲାଗୁଥିଲେ । ତେଣୁ ମୁଁ ବି ସେହି ପଥକୁ ଅନୁସରଣ କଲି । ଯୋଗକୁ ଇଣ୍ଟରଭ୍ୟୁରେ ସଫଳ ହେବାରୁ ମୋର ପ୍ରଥମ ପୋଷ୍ଟିଂ କଣାସ ବ୍ଲକର ଲୋକାପାଳ ପ୍ରାଥମିକ ବିଦ୍ୟାଳୟରେ ହେଲା । ୧୯୯୭ ମସିହା ଜୁନ ୨୦ରେ ଏଥିରେ ଯୋଗ ଦେଲି । ସେତେବେଳେ ରାସ୍ତାଘାଟ ଆଜି ପରି ନ ଥିଲା କି ପ୍ରତି ସମୟରେ ବସ୍ ଯୋଗାଯୋଗ ନ ଥିଲା । ଘରୁ ବାହାରି ୪/୫ଜାଗାରେ ଗାଡି ବଦଳେଇଲେ ମୋ ସ୍କୁଲ ପାଖରେ ପହଞ୍ଚି ହେଉଥିଲା । ତା'ଛଡା ହଠାତ୍ କଲେଜ ପିଲାଙ୍କର ଅଧ୍ୟାପନା ଛାଡି ଛୋଟ ପିଲାଙ୍କୁ ଶିକ୍ଷାଦାନ କରିବା ଯେ କେତେ କଷ୍ଟକର କଥା ତାହାକୁ ମର୍ମେ ମର୍ମେ ଉପଲବ୍ଧି କରୁଥିଲେ ହେଁ, ବେକାରି ଜୀବନରୁ ତ୍ରାହି ମିଳିଛି ବୋଲି ଭାବି ସବୁ କଷ୍ଟକୁ ନିଜ ଭିତରେ ଚାପିରଖି କର୍ମପଥରେ ଆଗେଇ ଚାଲିଥିଲି । ପ୍ରତିଦିନ ବଡି ଭୋରରୁ ଉଠି ଚାଲିଚାଲି ଗୋପ ଯାଇ ବସ୍ ଧରି ୭ଟା ସୁଦ୍ଧା ନିମାପଡାରେ ପହଞ୍ଚୁଥିଲି । ସେଠୁ ପୁଣି ଅସ୍ତରଙ୍ଗ-ମନ୍ଦାରବସ୍ତ ଗାଡି ଧରୁଥିଲି । ଯେଉଁଦିନ ଟିକେ ଡେରି ହୋଇଯାଉଥିଲା, ଗାଡି ମିଳୁ ନ ଥିଲା । ପୁଣି କୋଶେ ବାଟ ସେଠୁ ଚାଲିବାକୁ ପଡୁଥିଲା । ଯାହାହେଉ ପାରିବାରିକ ବୋଝକୁ ହାଲୁକା କରିବାକୁ ସବୁ କଷ୍ଟ ସହି କର୍ତ୍ତବ୍ୟ କରିଚାଲିଥିଲି । ଦେଖୁଦେଖୁ ଜୁନ୍ ମାସ ପୂରିଗଲା । ଦରମା ମିଳିବ ବୋଲି ସୂଚନା ପାଇଲି । ମନରେ ଅନେକ ଆଶା ଆଉ ଉନ୍ମାଦନା । ସେତେବେଳେ ଦରମା ନଗଦ ଆକାରରେ ବ୍ଲକରେ ଦିଆଯାଉଥିଲା ଓ ସେଦିନ ସ୍କୁଲ ବନ୍ଦ ରହୁଥିଲା । ଜୁଲାଇ ମାସ ୬ ତାରିଖରେ ଦରମା ମିଳିଲା । ଚାକିରି ଜୀବନର ପ୍ରଥମ ମାସର ୧୦ଦିନର ଦରମା ଆକାରରେ ୧୩୮୦ ଟଙ୍କା ପାଇଲି । ଟଙ୍କାକୁ ଗଣି ପକେଟ୍‌ରେ ରଖି ଘରକୁ ଆସିବାକୁ ଉଚ୍ଛନ୍ନ ହେଲି । ବସ୍‌ରେ ବସି ଘରକୁ ଫେରିବା ବାଟରେ ବାରମ୍ବାର ପକେଟ୍‌ରେ ହାତ ମାରୁଥିଲି, ଟଙ୍କାଟା ଠିକ୍ ଠାକ୍ ଅଛି ନା ନାହିଁ ବୋଲି । କଣାସରୁ ବସ୍‌ରେ ବସି ପଞ୍ଚନାୟିକିଆ ଆଉ ସେଠୁ ପିପିଲି ଆସିଲି । ପିପିଲି ବଜାରରୁ ବୋଉ ପାଇଁ ଖଣ୍ଡେ ଘରପିନ୍ଧା ଶାଢ଼ି ଆଉ ନିମାପଡାରୁ ମିଠା କିଣି ଆମ ଗାଁରେ ଆସି ପହଞ୍ଚିଲା ବେଳକୁ ରାତି ୮ଟା ବାଜି ସାରିଥିଲା । ତଥାପି କିଛି ବାଧା ଲାଗୁ ନ ଥାଏ, ପାଞ୍ଚ ହାତରେ ଗୋଡ଼ ମୋର ପଡୁଥାଏ । ଦାଣ୍ଡ ଦୁଆରେ ପହଞ୍ଚି ଡାକଟେ ମାରିଲି "ବୋଉ ଲୋ ! ମୁଁ ଆସିଗଲି, ଆଜି ଦରମା ମିଳିଲା,ଏଇ ନେ ତୋ ପାଇଁ ଲୁଗା ଓ ସମସ୍ତଙ୍କ ପାଇଁ ମିଠା ଆଉ ଏ ଟଙ୍କା ।" ମୋ ହାତରୁ ଥାଥା ମାମା ହୋଇ ଟଙ୍କା ତକ ଧରିଲାବେଳକୁ ବୋଉ ଆଖିରୁ ଝରିପଡିଥିଲା ଦୁଇଟୋପା ଲୁହ । ସେ ଆନନ୍ଦର ଅବର୍ଣ୍ଣନୀୟ ଅନୁଭବକୁ ବର୍ଣ୍ଣନା କରିବାକୁ ଆଜି ବି ମୋ ଆଖି ଓଦା ହୋଇଯାଉଛି, ବାଷ୍ପରୁଦ୍ଧ ହୋଇଯାଉଛି କଣ୍ଠ । ବାସ୍ତବରେ ଜୀବନର ପ୍ରଥମ ରୋଜଗାରର ସ୍ମୃତି ସତରେ ବେଶ୍ ନିଆରା । ତେବେ ସେ ଯାହା ହେଉ ଯା' ଭିତରେ ମୁଁ ଅନେକ ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହ ଏବେ ଗୋପ ବ୍ଲକ ଅନ୍ତର୍ଗତ ଲୁଣହାର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ସ୍ନାତକ ଶିକ୍ଷକ (କଳା) ଭାବେ କାର୍ଯ୍ୟରତ । ତା'ସହିତ କବିତା ଲେଖାରେ ବି ରୁଚି ରଖିଛି । ଆଉ ଏଇ କବିତା ପାଇଁ ଉତ୍କଳ ଯାଦବ ସମ୍ମିଳନୀ ତରଫରୁ ମୋତେ କବି କାଇଁଚ ଉପାଧି ମଧ୍ୟ ମିଳିଛି । 'ଏଇ ମୋ ଛୋଟ ଗାଆଁଟି' ହେଉଛି ମୋ ରଚିତ ଏକ କବିତା ସଂକଳନ ।

---

**ସାଥୀ**

# ଅଭିମାନିନୀ ସୁନାହରିଣୀ, ଲାଜରେ ଲୁଚିଛି ପ୍ରେମ କାହାଣୀ



**ପ୍ରଶ୍ନ**–ଯାହାକୁ ମୋ ଜୀବନର ସବୁ କିଛି ଉତ୍ସର୍ଗ କରି ପ୍ରେମ କରୁଥିଲି ସେ ମୋତେ ଧୋକା ଦେଇ ଚାଲିଗଲା । ମୋ ମନକୁ ବୁଝାଇ ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି । ଏ ନେଇ ଆଗେଇବା ଠିକ୍ ହେବ ତ ?

*–ଅଭିଷେକ, କେନ୍ଦ୍ରାପଡା*

**ଉତ୍ତର:** ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହ ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ । ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ । ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ପୁରୁଣା ଭୁଲ୍‌ର ଯେମିତି ପୁନରାବୃତ୍ତି ନ ହୁଏ ସେ ନେଇ ନଜର ଦିଅନ୍ତୁ । ନ ହେଲେ ପୁଣି ପ୍ରଥମ ପ୍ରେମର ପରିସ୍ଥିତି ସୃଷ୍ଟି ନ ହେବ ତାହାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ ।

**ପ୍ରଶ୍ନ**–ମୋ ପ୍ରିୟା ସବୁବେଳେ ମୋ ଉପରେ ଅଭିମାନ କରୁଛି । ତାକୁ କିପରି ମନାଇବି ଜାଣିପାରୁନାହିଁ । ମୋତେ କିଛି ଉପାୟ ବତାନ୍ତୁ ?

*–ତପନ ସାହୁ, ସୋନପୁର*

**ଉତ୍ତର:** ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା । ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ । କାରଣ ଅନେକ ସମୟରେ ସେହି ଅଭିମାନରେ ମନର ଅନେକ କଥା ଲୁଚି ରହିଥାଏ । ସେ ସିନା ଅଭିମାନ କରିଛି, ହେଲେ ତା' ଲାଜରେ ଅନେକ କଥା ଲୁଚି ରହିଛି । 'ଅଭିମାନିନୀ ସୁନାହରିଣୀ, ଲାଜରେ ଲୁଚିଛି ପ୍ରେମ କାହାଣୀ ।' ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନ୍‌ସନ୍ ନିଅନ୍ତୁ ନାହିଁ । ବାସ୍, ତା' ମନର ଭିତିରି କଥାକୁ ଭଲ ଭାବରେ ଷ୍ଟଡି କରନ୍ତୁ । ଦେଖିବେ ସେହି ଅଭିମାନୀ ହସରେ ଆପଣଙ୍କ ପ୍ରେମର ଅସଲ ମଜା ଲୁଚି ରହିଥିବ ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି । ହେଲେ ଏବେ ଆଉ ଜଣେ ସୁନ୍ଦରୀ ମୋତେ ତା' ପ୍ରେମ ଜାଲରେ ବାନ୍ଧି ଦେଇଛି । କ'ଣ କରିବି ଜାଣିପାରୁନାହିଁ ?

*–ଅଭିଷେକ ରାଉତ, କଟକ*

**ଉତ୍ତର:** ଯାହାକୁ ଭଲ ପାଉଥିଲେ ତାହାକୁ ତ ଜୀବନ ସାଥୀ ଭାବରେ ଗ୍ରହଣ କରିସାରିଲେଣି । ଏବେ ପୁଣି ଆଉ ଜଣେ ସୁନ୍ଦରୀ ମାୟାରେ ପଡିଯାଇଛନ୍ତି । ଏହାର ଅର୍ଥ ଜାଣତରେ ହେଉ ଅବା ଅଜାଣତରେ ଆପଣ ନିଜ ଗୋଡରେ କୁରାଢ଼ି ମାରୁଛନ୍ତି । ଘର ସଂସାର କରିବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନ୍‌ସନ୍‌କୁ ହାତ ଠାରି ଡାକିବା । ପୁଣି ଥରେ କାହା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ । ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ ।

**ପ୍ରଶ୍ନ**–ସେହି ସୁନ୍ଦରୀର ଲାଜରେ ପ୍ରେମର ଇସାରା ପାଇବା ପରେ ଆଗେଇଥିଲି । ହେଲେ ଏବେ ଜାଣୁଛି ସେ ମୋ ସହ ମିଛ ନାଟକ କରୁଥିଲା । ବର୍ତ୍ତମାନ ମୁଁ କ'ଣ କରିବି ?

*–ଦିନେଶ କୁମାର ସାହୁ, ନୟାଗଡ*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀର ପ୍ରେମ ଇସାରାରେ ବନ୍ଦୀ ହୋଇଗଲେ ସେତେବେଳେ ସେହି ଝିଅର ମନର କଥାକୁ ଭଲ ଭାବରେ ପଢ଼ିବାର ଥିଲା । କାରଣ ସବୁ ହସ ପଛରେ ପ୍ରେମ ଲୁଚି ରହି ନ ଥାଏ । ତେଣୁ ସେଭଳି ପ୍ରେମିକା ଆଉ ପ୍ରେମକୁ ଯେତେ ଶୀଘ୍ର ଗୁଡବାୟ କରିବେ ତାହା ଆପଣଙ୍କ ପାଇଁ ଭଲ ହେବ ।



# ଟ୍ରେଣ୍ଡି ଶୁଜ୍

**ଇଣ୍ଡିଆନ୍ ହେଉକି ୱେଷ୍ଟର୍ନ ଆଜିକାଲି ପ୍ରାୟ ସବୁ ଟାଇପ୍‌ର ଆଉଟ୍‌ଫିଟ୍ ସାଙ୍ଗେ ଶୁଜ୍ ପିନ୍ଧିବାର ଫ୍ୟାଶନ ଚାଲିଛି। ଏପରିକି ବ୍ରାଇଡାଲ୍ ଲୁକ୍‌ରେ ବି ଝିଅମାନେ ଲେହେଙ୍ଗା ସାଙ୍ଗରେ ସୁନ୍ଦର କାରୁକାର୍ଯ୍ୟବାଲା ଶୁଜ୍ ପିନ୍ଧିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ତେଣୁ ଏଠାରେ ସେମିତି କିଛି ଟ୍ରେଣ୍ଡି ଶୁଜ୍ ସମ୍ପର୍କରେ ଉଲ୍ଲେଖ କରାଯାଉଛି; ଯାହାକୁ ଇଣ୍ଡିଆନ୍ ହେଉକି ୱେଷ୍ଟର୍ନ ଆଉଟ୍‌ଫିଟ୍ ସାଙ୍ଗେ ଆରାମରେ କ୍ୟାରି କରିହେବ...**




**ସ**ମୟାନୁସାରେ କେବଳ ଆଉଟ୍‌ଫିଟ୍‌ର ଫ୍ୟାଶନ ବଦଳେନି, ଜୁଏଲେରି, ହେୟାର୍ ଷ୍ଟାଇଲ୍ ଏପରିକି ଫୁଟ୍‌ୱେର୍ ବି ନୂଆ ନୂଆ ଟ୍ରେଣ୍ଡ ଆସିଥାଏ। ସେଥିପାଇଁ ଲାଟେଷ୍ଟ ଫ୍ୟାଶନ ସାଙ୍ଗରେ ସବୁବେଳେ ଅପ୍‌ଡେଟ୍ ରହିବା ଆବଶ୍ୟକ ; ଯଦ୍ୱାରା ନୂଆ ଆଉ ଫ୍ରେଶ୍ ଲୁକ୍ ମିଳିପାରିବ। କୌଣସି ପାର୍ଟି ଅଥବା ଟୁର୍‌ରେ ଯିବାବେଳେ ଆଉଟ୍‌ଫିଟ୍‌ର ଚୟନ ଯେତିକି ଜରୁରୀ ହୋଇଥାଏ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଠିକ୍ ଫୁଟ୍‌ୱେର୍‌ର ସିଲେକ୍ସନ୍ କରିବା। କାରଣ ଅକେଜନ୍ ଅନୁଯାୟୀ, ପରଫେକ୍ଟ ଫୁଟ୍‌ୱେର୍ ନ ପିନ୍ଧିଲେ ଲୁକ୍ ଓ କମ୍ଫର୍ଟ ଯେମିତି ବିଗିଡିଯାଏ, ସେମିତି ଠିକ୍ ଫୁଟ୍‌ୱେର୍‌ର ଚୟନ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଆହୁରି ସୁନ୍ଦର କରିଥାଏ। ପୂର୍ବେ କେବଳ ୱେଷ୍ଟର୍ନ ଆଉଟ୍‌ଫିଟ ସାଙ୍ଗରେ ଶୁଜ୍ ପିନ୍ଧିବାର ଟ୍ରେଣ୍ଡ ଥିଲା, କିନ୍ତୁ ଆଜିକାଲି ଇଣ୍ଡିଆନ୍ ଆଉଟ୍‌ଫିଟ୍ ସାଙ୍ଗରେ ବି ଶୁଜ୍‌କୁ ପେୟାର୍ କରାଯାଉଛି। ଏପରିକି କିଛି ଯୁବତୀ ୱେଡିଂ ଫଙ୍କସନ୍‌ରେ ବି ଲେହେଙ୍ଗା ସାଙ୍ଗରେ ଶୁଜ୍ ପିନ୍ଧୁଥିବାର ଦେଖିବାକୁ ମିଳୁଛି। ଜାଣନ୍ତୁ ସେଭଳି କିଛି ଟ୍ରେଣ୍ଡି ଶୁଜ୍ ସମ୍ପର୍କରେ ; ଯାହାକୁ ଉଭୟ ଇଣ୍ଡିଆନ୍ ଓ ୱେଷ୍ଟର୍ନ ଆଉଟ୍‌ଫିଟ୍ ସାଙ୍ଗରେ ପିନ୍ଧିହେବ...

✲ **ସ୍ନିକର୍ସ ଗ୍ଲିଟରି ଶୁଜ୍:** ନାଁରୁ ହିଁ ଜାଣିପାରୁଥିବେ ଯେ, ଏହି ସ୍ନିକର୍ସ ଦେଖିବାକୁ କେତେ ସୁନ୍ଦର ଲାଗୁଥିବ। ବିଭିନ୍ନ ରଙ୍ଗ ଆଉ ଭିନ୍ନ ଭିନ୍ନ ଡିଜାଇନ୍‌ରେ ଆସୁଥିବା ଏହି ଗ୍ଲିଟରିଂ ସ୍ନିକର୍ସ ଶୁଜ୍‌କୁ ଝିଅମାନେ ଚାହିଁଲେ ସାଲୱାର୍ ସୁଟ୍, ଶାଢି, ସ୍କର୍ଟ, ଜିନ୍ସ ହେଉ ଅଥବା ଯେ କୌଣସି ୱାନ୍ ପିସ୍ ଡ୍ରେସ୍ ସହ ମ୍ୟାଚିଂ କରି ପିନ୍ଧିପାରିବେ। ଏହା ସେମାନଙ୍କୁ କୁଲ୍, କମ୍ଫଟେବଲ୍ ଲୁକ୍ ଦେଇଥାଏ।

✲ **ଜୁତି ଷ୍ଟାଇଲ୍ ଶୁଜ୍:** ଆଜିକାଲି ଜୁତି ଷ୍ଟାଇଲ୍ ଶୁଜ୍‌ର ବି ଭଲ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ଏହି ଟାଇପ୍‌ର ଶୁଜ୍‌କୁ ଉଭୟ ଏଥନିକ୍ ହେଉକି ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଆରାମରେ କ୍ୟାରି କରିହୁଏ। ଏହି ଶୁଜ୍ ବି ବିଭିନ୍ନ ରଙ୍ଗ ଓ ଡିଜାଇନ୍‌ରେ ଉପଲବ୍ଧ ହୋଇଥାଏ। ଖାସ୍‌କରି ଏହି ଟାଇପ୍‌ର ଶୁଜ୍ ସାଙ୍ଗକୁ ମେଟାଲ୍ ଜୁଏଲେରି ବେଶ୍ ଭଲ ମାନିଥାଏ। ଇଭିନିଂ ପାର୍ଟିରେ ଏହି ଷ୍ଟାଇଲ୍‌କୁ ଫଲୋ କଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

✲ **ହେଭି ୱାର୍କ ସ୍ନିକର୍ସ:** ଏବେର ଫ୍ୟାଶନ ଟ୍ରେଣ୍ଡରେ ଟିକେ ଡିଫରେଣ୍ଟ ବ୍ରାଇଡାଲ୍ ଲୁକ୍ ପାଇଁ ଅନେକ ଝିଅ ଲେହେଙ୍ଗା ସାଙ୍ଗରେ ହେଭି ୱାର୍କବାଲା ପ୍ଲାଟ୍‌ଫର୍ମ ସ୍ନିକର୍ସ ପିନ୍ଧିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହି ଟାଇପ୍‌ର ଶୁଜ୍ ଅନ୍ୟ ଶୁଜ୍ ତୁଳନାରେ ଟିକେ ମହଙ୍ଗା ହୋଇଥାଏ ସତ କିନ୍ତୁ କ୍ୟାରି କରିବାରେ ବେଶ୍ କମ୍ଫର୍ଟେବଲ୍ ଲାଗେ। କେବଳ ପ୍ଲାଟଫର୍ମ ସ୍ନିକର୍ସ କାହିଁକି, ଆଉଟ୍‌ଷ୍ଟାଣ୍ଡିଂ ବ୍ରାଇଡାଲ୍ ଲୁକ୍ ପାଇଁ ଝିଅମାନେ ଚାହିଁଲେ ଏହି ଖାସ୍ ଅବସରରେ ୱେଷ୍ଟର୍ନ ୱେଡିଂ ଆଉଟ୍‌ଫିଟ୍ ସହ ଭଲ ଡିଜାଇନ୍‌ବାଲା ଲାଇଟ୍ ୱେଟ୍ ଲୋଫର୍ ଶୁଜ୍, ଗୋଲ୍ଡେନ୍ କଲର୍ ସ୍ନିକର୍ସ ଶୁଜ୍, ୱେଜେଜ୍ ଷ୍ଟାଇଲ୍ ଶୁଜ୍ ବି ଟ୍ରାଏ କରିପାରିବେ।





✲ **ବୁଟ୍ ଷ୍ଟାଇଲ୍ ଶୁଜ୍:** ଆଜିକାଲି ଝିଅମାନଙ୍କ ଭିତରେ ବୁଟ୍ ଷ୍ଟାଇଲ୍ ଶୁଜ୍‌ର ବି ଭଲ ଡିମାଣ୍ଡ ରହୁଥିବା ଦେଖିବାକୁ ମିଳୁଛି। ଏହା ବିଭିନ୍ନ ଡିଜାଇନ୍ ଓ ଫାବ୍ରିକ୍‌ରେ ଯେମିତିକି ଲେଦର୍, ଭେଲ୍‌ଭେଟ୍ ଆଦି ଷ୍ଟାଇଲ୍‌ରେ ବି ଉପଲବ୍ଧ ହୋଇଥାଏ। ଏହି ଟାଇପ୍‌ର ଶୁଜ୍‌କୁ ମଧ୍ୟ ଝିଅମାନେ ଚାହିଁଲେ ଡିଫରେଣ୍ଟ ଟାଇପ୍‌ର ଇଣ୍ଡିଆନ୍ ଆଉଟ୍‌ଫିଟ୍ ହେଉକି ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଆରାମରେ କ୍ୟାରି କରି ସ୍ମାର୍ଟ ଲୁକ୍ ପାଇପାରିବେ।



# ମଡେଲ ମିରର୍

## ଅର୍ପିତା



ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧, ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲା

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଚଟଣୀ

ସ୍ୱାମୀ ସ୍ତ୍ରୀକୁ: ଏତେ ଟେଷ୍ଟି ଚଟଣୀ କେମିତି ତିଆରି କରୁଛ ?
ସ୍ତ୍ରୀ: ଚଟଣୀ ତିଆରି କଲାବେଳେ ତମ କଥା ଭାବିନିଏ। ସେଥିପାଇଁ ଚଟଣୀ କୁଟିବା ସହଜ ହୁଏ।

## ଫେସ୍‌ୱାଶ

ଷ୍ଟାଇଲରେ ନିଶ ଦାଢି ବଢେଇଥିବା ଜଣେ ଯୁବକ ଦୋକାନୀକୁ: ଭଲ ଫେସ୍‌ୱାଶ ଦେବେ।
ଦୋକାନୀ: ଫେସ୍‌ୱାଶ କ'ଣ କରିବେ ? ଶାମ୍ପୁ ନେଉ ନାହାନ୍ତି।
ଯୁବକ: ଚେହେରା ସଫା କରିବାକୁ କିଏ ଶାମ୍ପୁ ନିଏ ଯେ, ମତେ କହୁଛ ନେବାକୁ।
ଦୋକାନୀ: ତମ ଚେହେରା ତ ନିଶ ଦାଢ଼ୀରେ ଭର୍ତ୍ତି, ଫେସ୍‌ୱାଶ ନେଇ କ'ଣ କରିବ ? ଶାମ୍ପୁ ନିଅ।

## ପରଧନ

ମୀନା: ଝିଅମାନେ ଯଦି ପରଧନ। ତା'ହେଲେ ପୁଅମାନେ କ'ଣ ?
ଟିନା: ସେମାନେ ହେଉଛନ୍ତି 'ଚୋର'।
ମୀନା: କେମିତି ?
ଟିନା: କାରଣ ଏମାନେ ପରଧନକୁ ନେଇଯାଆନ୍ତି।



# ପନାଚିକ୍କଡ଼ ସରସ୍ୱତୀ ମନ୍ଦିର

**କେରଳର କୋଟ୍ଟାୟମ୍ ଜିଲା ଅନ୍ତର୍ଗତ ଏକ ସ୍ଥାନ ହେଉଛି ପନାଚିକ୍କଡ଼। ଏଠାରେ ବିଦ୍ୟାଦାତ୍ରୀ ଦେବୀ ସରସ୍ୱତୀଙ୍କୁ ସମର୍ପିତ ଏକ ମନ୍ଦିର ରହିଛି; ଯାହା ପନାଚିକ୍କଡ଼ ସରସ୍ୱତୀ ମନ୍ଦିର ଭାବେ ବେଶ୍ ପରିଚିତ। ଏହାକୁ କେହି କେହି ପନାଚିକ୍କଡ଼ୁ ମନ୍ଦିର ତ ଆଉ କେହି ଦକ୍ଷିଣ ମୁକାମ୍ବିକା ସରସ୍ୱତୀ ମନ୍ଦିର ବୋଲି ବି କହିଥାନ୍ତି...**

ପନାଚିକ୍କଡ଼ ସରସ୍ୱତୀ ମନ୍ଦିର ହେଉଛି କେରଳର ପନାଚିକ୍କଡ଼ ଅଞ୍ଚଳରେ ଥିବା ଏକ ବହୁ ପୁରାତନ ତଥା ପ୍ରସିଦ୍ଧ ମନ୍ଦିର। ପ୍ରକୃତପକ୍ଷେ ଏହି ମନ୍ଦିରର ମୁଖ୍ୟ ଦେବତା ହେଉଛନ୍ତି ପ୍ରଭୁ ବିଷ୍ଣୁ ; ଯାହାଙ୍କ ପ୍ରତିମାକୁ ଏଠାରେ ଦେବୀ ସରସ୍ୱତୀଙ୍କର ପ୍ରତିମା ସ୍ଥାପିତ ହେବାର ବହୁ ପୂର୍ବରୁ ହିଁ ସ୍ଥାପନ କରାଯାଇଥିଲା। କିନ୍ତୁ ଦେବୀଙ୍କର ମହିମା ଓ ଲୋକପ୍ରିୟତା ପାଇଁ ଲୋକମୁଖରେ ଏହା ସରସ୍ୱତୀ ମନ୍ଦିର ଭାବେ ବେଶି ପରିଚିତ ହେବାକୁ ଲାଗିଲା। ତେବେ ଏହି ମନ୍ଦିରରେ କେବଳ ପ୍ରଭୁ ବିଷ୍ଣୁ କି ମାତା ସରସ୍ୱତୀଙ୍କୁ ପୂଜା କରାଯାଏ ତାହା ନୁହେଁ, ଭଗବାନ ଶିବ, ପ୍ରଭୁ ଗଣେଶ, ଭଗବାନ ଅୟପ୍ପନ, ନାଗ ଦେବତାଙ୍କର ବି ଏଠି ପୂଜାର୍ଚ୍ଚନା କରାଯାଇଥାଏ।

**କିମ୍ବଦନ୍ତୀ**

କିମ୍ବଦନ୍ତୀ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଜଣେ ନମ୍ବୁଦିରି ବ୍ରାହ୍ମଣ ବୃଦ୍ଧଙ୍କର କୌଣସି ପୁତ୍ର ସନ୍ତାନ ନ ଥିବା ହେତୁ ସେ ଖୁବ୍ ମନଦୁଃଖରେ ଥିଲେ। ବାରାଣସୀର ପବିତ୍ର ଗଙ୍ଗାନଦୀରେ ସ୍ନାନ କରିବାକୁ ସେ ଥରେ ବାହାରିଲେ। ବାଟରେ ମୁକାମ୍ବିକା ମନ୍ଦିର ପଡିବାରୁ ସେଠାରେ ଅଟକି ଯାଇ କିଛିଦିନ ରହିବାକୁ ଲାଗିଲେ। ମାତା ମୁକାମ୍ବିକା ହେଲେ ଜଣେ ପ୍ରତ୍ୟକ୍ଷା ଦେବୀ, ଶକ୍ତି ସ୍ୱରୂପା। ଉକ୍ତ ସ୍ଥାନର ମନୋରମ ପରିବେଶ ବ୍ରାହ୍ମଣଙ୍କୁ ଏତେ ଭଲ ଲାଗିଥିଲା ଯେ, ସେ ଆଉ ସେ ସ୍ଥାନଛାଡ଼ି କୁଆଡ଼େ ଯିବାକୁ ରାଜି ହେଲେ ନାହିଁ। ମା'ଙ୍କର ଭଜନ କୀର୍ତ୍ତନ କରିବା ସହ ନିତି ମା'ଙ୍କ ନିକଟରେ ତାଙ୍କ ଦୁଃଖ ଜଣାଉଥିଲେ। ଥରେ ସ୍ୱପ୍ନରେ ମା'ଆସି ତାଙ୍କୁ କହିଲେ, 'ତୁମ ଭାଗ୍ୟରେ ପୁତ୍ର ଯୋଗ ନାହିଁ। ତୁମେ ଏବେ ଘରକୁ ଫେରିଯିବା ଉଚିତ। ଆଉ ତୁମ ପଡିଶା ଘରର ଜଣେ ମହିଳାଙ୍କର ନିକଟ ଭବିଷ୍ୟତରେ ଦୁଇଟି ସନ୍ତାନ ଜନ୍ମ ହେବାର ଅଛି। ତୁମେ ଚାହିଁଲେ ତାଙ୍କଠାରୁ ଗୋଟେ ସନ୍ତାନ ପୋଷ୍ୟ ଭାବେ ଗ୍ରହଣ କରିପାର।' ମା'ଙ୍କର ଏହା ହିଁ ଇଚ୍ଛା ଭାବି ବ୍ରାହ୍ମଣ ଜଣଙ୍କ ତା'ପରେ ନିଜ ବାସସ୍ଥାନ ଅଭିମୁଖେ ବାହାରିଆସିଲେ। କିନ୍ତୁ ପନାଚିକ୍କଡ଼ରେ ପହଞ୍ଚିବା ପରେ ସେ ପ୍ରଥମେ ପନାଚିକ୍କଡ଼ ମନ୍ଦିର ପରିସରରେ ଥିବା ଏକ ପବିତ୍ର ଜଳକୁଣ୍ଡରେ ଗାଧୋଇବାକୁ ଚିନ୍ତା କଲେ। ସେଥିପାଇଁ ସେ ହାତରେ ଧରିଥିବା ଏକ ତାଳପତ୍ରର ଛତାକୁ ଜଳକୁଣ୍ଡର ଦକ୍ଷିଣ ଭାଗରେ ରଖି ଗାଧୋଇବାକୁ ଚାଲିଗଲେ। ଗାଧୋଇ ସାରି ଯେତେବେଳେ ସେ ଛତାଟିକୁ ଉଠାଇବାକୁ ଚେଷ୍ଟା କରନ୍ତି ଛତାଟି ଆଉ ଉଠିଲା ନାହିଁ। ଆଶ୍ଚର୍ଯ୍ୟ ହୋଇ ସେ ଏଣେତେଣେ ଚାହିଁଲେ କିନ୍ତୁ ପାଖରେ କେହି ଦେଖାଯାଉ ନ ଥିଲେ। ହଠାତ୍ ଜଣେ ବ୍ୟକ୍ତି ଚମତ୍କାର ସ୍ୱରୂପ ତାଙ୍କ ପାଖକୁ ଆସି କହିଲେ, 'ତୁମର ଏହି ଛତା ତଳେ ଦେବୀ ମୁକାମ୍ବିକା ଅଛନ୍ତି। ଯଦି ତୁମେ ଏହି ଛତା ନେବାକୁ ଚାହୁଁଛ, ତା'ହେଲେ ନିକଟରେ ଥିବା ଜଙ୍ଗଲରେ ଏକ ଦେବୀ ପ୍ରତିମା ରହିଛନ୍ତି, ତାଙ୍କୁ ଆଣି ଏହି ପବିତ୍ର ଜଳକୁଣ୍ଡ ଭିତରେ ସ୍ଥାପନ କର। କିନ୍ତୁ ଧ୍ୟାନ ରଖିବ, ପ୍ରତିମାକୁ ଆଣିବା ସମୟରେ ଏହାର ରକ୍ଷକ ସାଜିଥିବା ଯକ୍ଷୀଙ୍କୁ ତୁମକୁ ପ୍ରସନ୍ନ କରିବାକୁ ହେବ।' ବ୍ରାହ୍ମଣ ଜଣଙ୍କ ଠିକ୍ ସେମିତି ହିଁ କଲେ, ଯେମିତି ଚମତ୍କାରୀ ବ୍ୟକ୍ତି ଜଣଙ୍କ ତାଙ୍କୁ କହୁଥିଲେ। ଦେବୀ ପ୍ରତିମାଙ୍କୁ ସେ ଆଣି ଉକ୍ତ ଜଳକୁଣ୍ଡ ଭିତରେ ସ୍ଥାପନ କରିଦେଲେ ଆଉ ତାଙ୍କର ଜଣେ ସେବକ ହୋଇ ତାଙ୍କୁ ନିତ୍ୟ ପୂଜାର୍ଚ୍ଚନା କରିବାକୁ ଲାଗିଲେ। କୁହାଯାଏ, ସେବେଠାରୁ ଏହି ଜଳକୁଣ୍ଡର ପାଣି କେବେ ବି ଶୁଖେନାହିଁ। ଏପରିକି ଖରାଦିନେ ମଧ୍ୟ ଅନ୍ୟ ଜଳକୁଣ୍ଡର ପାଣି ଶୁଖି ଯାଉଥିଲେ ବି ଏହି ଜଳକୁଣ୍ଡର ପାଣି ଟିକେ ବି କମେ ନାହିଁ। ଏହା ମା'ଙ୍କର ଚମତ୍କାର ନୁହେଁ ତ ଆଉ କ'ଣ ହୋଇପାରେ। ଯେହେତୁ ମା' ଏଠାରେ ଏକ ସରସ ବା ଆଦୌ ଶୁଖୁ ନ ଥିବା ଏକ ଜଳକୁଣ୍ଡରେ ଅବସ୍ଥାନ କରିଛନ୍ତି, ସେଥିପାଇଁ ସ୍ଥାନୀୟ ଲୋକେ ତାଙ୍କୁ ଦେବୀ ସରସ୍ୱତୀ ଭାବେ ପୂଜାର୍ଚ୍ଚନା କରିବାକୁ ଲାଗିଲେ। ସେହିପରି ଦେବୀ ମୁକାମ୍ବିକାଙ୍କ କରୁଣାରୁ ଏସବୁ ସମ୍ଭବ ହୋଇଥିବା ଯୋଗୁ ଅନେକେ ତାଙ୍କୁ ଦକ୍ଷିଣ ମୁକାମ୍ବିକା ସରସ୍ୱତୀ ଦେବୀ ବୋଲି ବି ସମ୍ବୋଧନ କରିବାକୁ ଲାଗିଲେ। ଆଉ ସେହି ଅନୁଯାୟୀ ଏହି ମନ୍ଦିରର ନାଁ ବି ପରିଚିତି ପାଇବାକୁ ଲାଗିଲା।




**ପୂଜାପର୍ବ**

ଏହି ମନ୍ଦିରରେ ବିଭିନ୍ନ ଦେବଦେବୀଙ୍କର ପ୍ରତିମା ରହିଥିବାରୁ ସମସ୍ତ ପୂଜାପର୍ବ ବେଶ୍ ନିଷ୍ଠାର ସହ ପାଳନ କରାଯାଇଥାଏ। ତେବେ ନବରାତ୍ରି ହେଉଛି ଏଠାକାର ଏକ ମୁଖ୍ୟ ପର୍ବ ; ଯେଉଁ ସମୟରେ ବହୁ ସଂଖ୍ୟାରେ ଭକ୍ତଗଣ ଏଠାକୁ ମା'ଙ୍କର ଦର୍ଶନ କରିବାକୁ ଆସିଥାନ୍ତି। ଆଉ ଏହି ସମୟରେ ଜଳକୁଣ୍ଡ ଭିତରେ ମା'ଙ୍କୁ ଖୁବ୍ ସୁନ୍ଦର ଭାବେ ସଜାଯାଇଥାଏ। କୁହାଯାଏ, ମା'ଙ୍କ ଆଶୀର୍ବାଦରେ ଏଠାରେ ଯିଏ ବିଦ୍ୟାରମ୍ଭ କରିଥାନ୍ତି, ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ସେଥିପାଇଁ ପ୍ରତିବର୍ଷ ବିଜୟାଦଶମୀରେ ଏଠାରେ ସ୍ୱତନ୍ତ୍ର ବିଦ୍ୟାରମ୍ଭ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

**କେମିତି ଯିବେ**

ଏଠାକୁ ଯିବା ପାଇଁ ନିକଟସ୍ଥ ବିମାନବନ୍ଦର ହେଲା କୋଚିନ୍ ଇଣ୍ଟର ନ୍ୟାଶନାଲ୍ ଏୟାରପୋର୍ଟ ଏବଂ ନିକଟସ୍ଥ ରେଳଷ୍ଟେଶନ ହେଉଛି କୋଟ୍ଟାୟମ୍ ରେଲ୍‌ୱେ ଷ୍ଟେଶନ।








# ଚେହେରା ମନେପଡ଼େ ହେଲେ ନାଁ ମନେପଡ଼େନି



## ବେଳେବେଳେ କାହାକୁ ଦେଖିଲେ ତାଙ୍କ ଚେହେରା ଚିହ୍ନା ଚିହ୍ନା ଲାଗେ। ହେଲେ ମନେ ପଡ଼ି ନ ଥାଏ ସେହି ବ୍ୟକ୍ତିଙ୍କ ନାମ। କେବେ ଭାବିଛନ୍ତି କି ଏଭଳି କାହିଁକି ହୁଏ? ଏଥର ଜାଣିବା ଏହି ପ୍ରଶ୍ନର ଉତ୍ତର..

ଏମିତି ଅନେକ ସମୟରେ ହୁଏ ବାଟେଘାଟେ କେହି ଦେଖାହେଲେ ଚେହେରା ଚିହ୍ନା ଲାଗେ ସିନା ନାଁ ମନେ ପଡ଼ି ନ ଥାଏ। ଏମିତି କାହିଁକି ହୁଏ ଅନେକେ ଜାଣି ନ ଥାଆନ୍ତି। କେବଳ ନିଜର ସ୍ମରଣ ଶକ୍ତି ଦୁର୍ବଳ ବୋଲି ଭାବନ୍ତି। ତେବେ ଏହା ପଛର କାରଣ କ'ଣ ?

ପ୍ରକୃତ କଥା ହେଲା ନାଁ ମନେ ନ ରହିବା, ହେଲେ ଚେହେରା ମନେରହିବା ହେଉଛି ଏକ ସାମାନ୍ୟ ମନୋବୈଜ୍ଞାନିକ ସ୍ଥିତି। ଯାହାକୁ ଆମେ କେବେ ନା କେବେ ଅନୁଭବ କରିଥାଉ। ଏହାପଛର କାରଣ ଆମ ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀ, ସ୍ମରଣଶକ୍ତି ଓ ତଥ୍ୟକୁ ପ୍ରୋସେସ୍ କରିବାର ପଦ୍ଧତି ସହ ଜଡ଼ିତ। ମଣିଷର ମସ୍ତିଷ୍କ ନିଜ ପଦ୍ଧତିରେ ତଥ୍ୟକୁ ପ୍ରୋସେସ୍ କରିଥାଏ। ଚେହେରା ଓ ନାଁକୁ ଚିହ୍ନିବାର ପ୍ରକ୍ରିୟା ଭିନ୍ନ ଭିନ୍ନ ହୋଇଥାଏ। ଚେହେରା ଓ ନାଁ ଉଭୟ ଭିନ୍ନ ଭିନ୍ନ ସୂଚନା। ଯାହାକୁ ଆମେ ଭିନ୍ନ ଭିନ୍ନ ଉପାୟରେ ମନେରଖୁ। ଚେହେରାକୁ ଚିହ୍ନିବା ଲାଗି ବ୍ୟକ୍ତିଙ୍କ ଶାରୀରିକ ବିଶେଷତ୍ୱ ଯେମିତିକି ଆଖି, ନାକ, ଓଠ, ଚେହେରା ଓ ଚେହେରାର ବିଭିନ୍ନ ଅଙ୍ଗକୁ ଏକାସହିତ ଯୋଡ଼ି ଚିହ୍ନିଥାଉ। ଆମର ମସ୍ତିଷ୍କ ଚେହେରାକୁ ଚିହ୍ନିବା ଲାଗି ଏକ ଖାସ୍ ପ୍ରଣାଳୀ ବ୍ୟବହାର କରିଥାଏ, ଯାହାକୁ ଫେସ୍ ଇନହିବିସନ୍ ସିଷ୍ଟମ କୁହାଯାଏ। ଏହି ପ୍ରଣାଳୀ ଦ୍ୱାରା ଚେହେରାର ପ୍ରତି ଛୋଟ ଡିଟେଲ ମସ୍ତିଷ୍କ ସହ ଯୋଡ଼ିହୋଇଥାଏ। ଯେମିତିକି ଆଖି କିଭଳି, ଚେହେରାର ଗଢଣ କେମିତି, ତ୍ୱଚାର ରଙ୍ଗ କିଭଳି ଆଦି। ଏହି ପ୍ରକ୍ରିୟାରେ ମସ୍ତିଷ୍କର ଫୁଜିଫର୍ମ କୋର୍ଟେକ୍ସ ନାମକ ଅଂଶ ପ୍ରମୁଖ ଭୂମିକା ତୁଲାଇଥାଏ। ଯାହାକି ଚେହେରା ମନେରଖିବା ଓ ଚିହ୍ନିବାରେ ସାହାଯ୍ୟ କରିଥାଏ। ଏହି ପ୍ରକ୍ରିୟା ଏତେ ଶୀଘ୍ର ଓ ପ୍ରଭାବୀ ହୋଇଥାଏ ଯେ, ଆମେ ବେଶି କଷ୍ଟ ନ କରି ଅନ୍ୟର ଚେହେରା ଚିହ୍ନିଯାଉ। ଏହି କାରଣରୁ ହିଁ ଆମେ କାହାକୁ ଥରେ ଦେଖିଲେ ତାଙ୍କ ଚେହେରା ମନେ ରହିଯାଏ। ସେ ନାଁ ମନେ ଥାଉ ଅବା ନ ଥାଉ।




ଅନ୍ୟପକ୍ଷେ ନାଁକୁ ଚିହ୍ନିବା ଓ ମନେ ରଖିବା ପ୍ରକ୍ରିୟା କିଛିଟା ଭିନ୍ନ। ନାଁ ହେଉଛି ଏକ ଅବଷ୍ଟ୍ରାକ୍ଟ ଇନପୁଟ୍ ବା ଥିଓରେଟିକାଲ ଇନଫର୍ମେଶନ୍। ଯାହାର କୌଣସି ଶାରୀରିକ ରୂପ ନ ଥାଏ। ନାଁକୁ ମନେ ରଖିବା ଲାଗି ଆମକୁ ଖାସ୍‌କରି ସେହି ନାମ ସହିତ ଜଡ଼ିତ ବ୍ୟକ୍ତିତ୍ୱ ଅବା ଭାବନାକୁ ଯୋଡ଼ିବାକୁ ପଡ଼ିଥାଏ। ମସ୍ତିଷ୍କକୁ ନାଁ ମନେରଖିବା ଲାଗି ଅଧିକ ସମୟ ଲାଗିଥାଏ। କାରଣ ଏହା କୌଣସି ଦୃଶ୍ୟ ଅବା ବାର୍ତ୍ତା ବିନା ହୋଇଥାଏ। ଚେହେରାର ବିପରୀତ ନାଁକୁ ଏକ ଖାସ୍ ମାନସିକ ସ୍ଥାନରେ ରଖିବା ଲାଗି ଆମକୁ ବହୁତ ପରିଶ୍ରମ କରିବାକୁ ପଡ଼େ। ନାଁକୁ ମନେରଖିବା ଲାଗି ମେଣ୍ଟାଲ ଆଫିଲିଏଶନ୍‌ର ଆବଶ୍ୟକତା ପଡ଼ିଥାଏ। ଯେମିତିକି କୌଣସି ବ୍ୟକ୍ତି ସହ ତାଙ୍କର କାମ, ଚରିତ୍ର ଅବା କିଛି ଖାସ୍ ଘଟଣାକୁ ଯୋଡ଼ିବାକୁ ପଡ଼ିଥାଏ। ତେବେ ଯାଇ କାହାରି ନାଁ ମନେ ରହେ।

# ପୁରୁଣା ଟାୟାରରୁ ସୁନ୍ଦର ଜୋତା



ଗାଡିର ଟାୟାର ଖରାପ ହେଇଗଲେ ତାହା ଅଦରକାରୀ ହୋଇଯାଏ। ଏଠି ସେଠି ପଡ଼ି ରହେ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ପୁନାର ୨୮ ବର୍ଷୀୟା ଆଇଟି ପ୍ରଫେଶନାଲ୍ ପୂଜା ଆପ୍ତେ ବାଦାମୀକର ଏହି ଅଦରକାରୀ ପୁରୁଣା ଟାୟାରରୁ ତିଆରି କରୁଛନ୍ତି ଫ୍ୟାଶନେବୁଲ ଫୁଟ୍‌ୱେର। ସେ ଏହାକୁ ନେଇ ବ୍ୟବସାୟ ବି ଆରମ୍ଭ କରିଦେଇଛନ୍ତି। ମାସକୁ ସେ ଏହି ଟାୟାରରୁ ୨୦୦ ଫୁଟ୍‌ୱେର ତିଆରି କରୁଛନ୍ତି। ଆଉ ବାର୍ଷିକ ଲାଭ ୭ ଲକ୍ଷରୁ ଊର୍ଦ୍ଧ୍ୱ ହେଉଛି। ପୂଜା ୪ ବର୍ଷ ଆଇଟି ପ୍ରଫେଶନରେ ରହିବା ଭିତରେ ରିସର୍ଚ୍ଚ ପାଇଁ ଆଫ୍ରିକା ଯାଇଥିଲେ। ସେଠାରେ ସେ ଏକ ଆଦିବାସୀ ଜନଜାତିଙ୍କୁ ପୁରୁଣା ଟାୟାରରୁ ଜୋତା ଚପଲ ତିଆରି କରି ପିନ୍ଧୁଥିବା ଦେଖିଥିଲେ। ଏହା ଦେଖିବା ପରେ ହିଁ ପୂଜାଙ୍କ ମନରେ ଟାୟାରରୁ ସୁନ୍ଦର ଜୋତା ତିଆରି କରି ବ୍ୟବସାୟ କରିବାର ଯୋଜନା ଆସିଥିଲା। ପ୍ରଥମେ ସେ ୨ ହଳ ଜୋତା ଡିଜାଇନ କରି ଷ୍ଟାର୍ଟ ଅପ୍ ଇଣ୍ଡିଆରେ ପ୍ରଦର୍ଶିତ କରିଥିଲେ, ଯାହାକୁ ଅନେକେ ପସନ୍ଦ କରିଥିଲେ। ତାପରେ ସେ ଅଧିକରୁ ଅଧିକ ଡିଜାଇନ୍‌ର ଜୋତା ତିଆରି କଲେ। ଏହି ସଫଳତା ପାଇଁ ୨୦୧୮ରେ ତାଙ୍କୁ 'ଅପ୍ କମିଂ ଓମେନ ଏଣ୍ଟରପ୍ରେନ୍ୟୁର' ଶ୍ରେଣୀରେ ୫୦,୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା। ପୂଜାଙ୍କ ଜୋତାର ବ୍ରାଣ୍ଡ 'ନେମିତାଲ' ଅଟେ। ଏହା ମଧ୍ୟରେ ସେ ୩୫ ପ୍ରକାରର ଜୋତା ଡିଜାଇନ୍ କରିଛନ୍ତି। ଅନ୍‌ଲାଇନ୍‌ରେ ଏସବୁକୁ ସେ ବିକ୍ରି କରନ୍ତି। ପୁନାରେ ଏକ ଛୋଟ ଫୁଟୱେର ଦୋକାନ ବି କରିଛନ୍ତି। ପୂଜା ପ୍ରଥମେ ୧ ଲକ୍ଷ ଟଙ୍କା ନିବେଶ କରି ନିଜର ଷ୍ଟାର୍ଟ ଅପ୍ ଆରମ୍ଭ କରିଥିଲେ। ଏବେ ସେ ଚାକିରି ଛାଡି ନିଜ ବ୍ୟବସାୟରେ ମନୋନିବେଶ କରିଛନ୍ତି। ତାଙ୍କର ଇଚ୍ଛା ନିଜ ବ୍ରାଣ୍ଡର ଫୁଟୱେରକୁ ରପ୍ତାନୀ କରିବା। ସେଥିପାଇଁ ସେ ବେଶ୍ ପରିଶ୍ରମ ବି କରୁଛନ୍ତି।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଯନ୍ତ୍ରର ଦୋଷ

ଏହାକୁ ଆଧୁନିକ ଯୁଗ କୁହନ୍ତୁ ଅବା ଅନ୍ଧ ଦୁନିଆ, ଯେମିତି ଲାଗୁଛି ଆମକୁ ଅଧାଅଧି ଧୋଇସାରିଲାଣି ହୋ ! ଆଧୁନିକ ଯନ୍ତ୍ରଗୁଡ଼ା ଆମ ଜୀବନ ଖାଇଗଲାଣି ରେ ନାରେଣା ।

ନରହନ୍ତା ନାରେଣା ସାଙ୍ଗରେ ଜେଲ ଭିତରେ ନାଟୁଆ ବାବୁଙ୍କର ହୋଇଗଲା ଭେଟ । ନାରେଣା ପଚାରିଲା, ବାବୁ ! ଏମିତି ସ୍ଥାନରେ ଆପଣଙ୍କ ଆଗମନର କାରଣ କ'ଣ ପାଇଁ ? ନାଟୁବାବୁ ଉତ୍ତର ଦେଲେ, ମୋ ମେହେନତିଆ ମୋଟା କମେଇ, ଏ ପୋଲିସବାବୁଙ୍କ ଆଖିରେ ଗଲା ନାହିଁ । ତେଣୁ ମତେ ଉଠେଇଆଣି ଏଇ ଜେଲରେ ଦେଇଛନ୍ତି ପୂରେଇ । ହେଲେ ଆଣିଲେ ତ ଆଣିଲେ, ପୁଣି ଅସଲ ଜମାଣିଆ ଜାଗାରୁ ଟେକି ଆଣିଲେ ! ଶହ ଶହ ଗେଷ୍ଟ ଯେତେବେଳେ କରୁଥିଲେ ସୁଆଦିଆ ଚାଳିଶି ପ୍ରକାରିଆ ଖାଦ୍ୟର ଟେଷ୍ଟ, ବନ୍ଧୁବାନ୍ଧବ କେତେ କରୁଥିଲେ ରେଷ୍ଟ, ସେଇ ବେଳାରେ ମତେ କଲେ ଆରେଷ୍ଟ ! ନାରେଣା ପଚାରିଲା ବାବୁ ! ଏମିତି କୋଉ ବେଳା କି ହସ ଖୁସିଆ ସମୟ ଥିଲା କି , ଯୋଉ ମଉଜ ବେଳରେ ପୋଲିସ ଫଉଜ ଆପଣଙ୍କୁ ବାନ୍ଧିଲେ ? ନାଟୁବାବୁ କହିଲେ, କାହିଁକି ପଚାରୁଛୁ ରେ ନାରେଣା ! ସେଇଟା ମୋ ସଂସାର ଗଢ଼ିବାର ଆଦ୍ୟ ବେଳା । ସିଧା ମୋ ବାହାବେଦିରୁ ମୋ ପତ୍ନୀ ହେବାକୁ ରେଡିହୋଇ ବସିଥିବା କନିଆ ସମ୍ମୁଖରୁ ଖାଲି ବାନ୍ଧିଲେନି ଯେ ବରଂ ମୋ ସବୁଜ-ସପନ-ସୁନା-କିଆରିରେ ନିଆଁ ଲଗେଇଦେଲେ ।

-ବାବୁ ! ଆପଣ କ'ଣ ଆଉ କାହାକୁ ଧୋକ୍କାଦେଇ ଏକାଧିକବାର ବାହାହେବାକୁ ଯୋଜନା କରୁଥିଲେ କି ? ଯୋଉଥି ପାଇଁ ପୂର୍ବ ପ୍ରେମିକା ଏମିତି କାଣ୍ଡ ଭିଆଇଲା ?

-ନାଇଁରେ ନାରେଣା, ଏଇଟା ପ୍ରଥମ ଯୋଗାଡ଼ିଆ ବିବାହ ବିଗିଡ଼ିଗଲା । ମୋ ଦାମୀ ବେଶ ପୋଷାକ, ବେକରେ ମୋଟା ସୁନାଚେନ, ହାତରେ ଓଜନିଆ ବ୍ରେସ୍‌ଲେଟ୍, ସବୁ ଆଙ୍ଗୁଠିରେ ବଡ଼ ବଡ଼ ମୁଦି ଦେଖି ଝିଅର ମା-ବାବା ଆଖିବୁଜି ପ୍ରସ୍ତାବରେ ରାଜିହୋଇ ଜାଣିଯାଇଥିଲେ ମୋର ବଡ଼ ବିଜିନେସ୍ ଚାଲିଛି ।

-ତେବେ କ'ଣ ବାବୁ, ଆପଣଙ୍କ ବରଯାତ୍ରୀ କନ୍ୟାଘରେ କ'ଣ କିଛି ଉତ୍ପାତିଆ କାମ କଲେ ନା ଆପଣ ବେଶି ଯାନିଯୌତୁକ ମାଗିଲେ ବୋଲି ପୋଲିସ ବାନ୍ଧିଲେ ?

-ଆରେ ନାହିଁ । ଶୁଣ । ତୋର ମୋର ସମ ଦଶା ପଡ଼ିଛି ବୋଲି ବିଶ୍ୱାସରେ ତତେ ସତ କହୁଛି । ତୁ ହଲପ କର କାହାଗେ କହିବୁ ନାହିଁ । ଅସଲ କଥା ହେଲା, ମୁଁ ରାତିଏ ଗଲେ ହାତୀଏ ଆଣେ । ମୁଁ ଗୋଟେ ନିଷ୍ପାପର ଭକ୍ତିଭରା ଲୋକ । ଭଗବାନଙ୍କ ଠେଇଁ ଅଟଳ ବିଶ୍ୱାସ ମୋର । ମୋ ବେପାର ରାତିଅଧିଆ ଆରମ୍ଭ, ବିଭିନ୍ନ ରକମର ମିଠା, ଫଳ ଆଗ ଭଗବାନଙ୍କ ମନ୍ଦିରରେ ଯାଇ ଭିତରେ ପଶି ଭୋଗ ଲଗାଏ । ପ୍ରାର୍ଥନା କରି ଭକ୍ତିକାତର କଣ୍ଠରେ କହେ, ହେ ମା ! ହେ ପ୍ରଭୁ ! ମୋ କର୍ତ୍ତବ୍ୟ କର୍ମ ସୁରୁଖୁରୁରେ ହେଉ । କେହି ମତେ ଧରି ନ ପାରନ୍ତୁ । ଠାକୁର ଠାକୁରାଣୀ ସତରେ ମୋ କଥା ଶୁଣନ୍ତି । ସେଇଥିପାଇଁ, ଯେତେବେଳେ ଯୋଉ ମନ୍ଦିରରେ ପଶି ହୁଣ୍ଡି ଭାଙ୍ଗିଛି କି ରତ୍ନ ଅଳଙ୍କାର ଲୁଟିଛି, କି ବ୍ୟାଙ୍କ ଭିତରେ ହେଉ କି କୋଉ ଧନୀଘରେ ପଶି କଳାକନା ବୁଲେଇଛି, କୋଉ ପୁଅର ଶକ୍ତି ନ ଥିଲା ମତେ ଧରି ଆଣିବ ବୋଲି ! ହେଲେ ଆଜିକାଲି ବାହାର ରାଇଜରୁ ବହୁ ଚୋର ଆମ ରାଜ୍ୟରେ ପଶି ଇନ୍ଦ୍ରିୟ ସଂଯମ କରି ନ ପାରି ଲଗାତର ଆପାର୍ଟମେଣ୍ଟ ଭିତରେ ବି ଦିନ ଦି ପ୍ରହରେ ଚୋରି କଲେଣି । ତାଙ୍କୁ ଧରିବାକୁ ପୋଲିସବାଲାଙ୍କ ବୁଦ୍ଧି ହଜିଗଲା । ତେଣୁ ମୋତେ ଜମା ଜଣା ନ ଥିଲା ଯେ, ସିସି କ୍ୟାମେରା ସବୁ ଜାଗାରେ ଖଞ୍ଜି ଏମିତି ଖଞ୍ଜ ଲଗେଇଛନ୍ତି ବୋଲି । ଅଳ୍ପଦିନ ତଳେ ବାହାଘରରେ ମୋର ମୋଟା ଟଙ୍କା ଦର୍କାର ହେବାରୁ



ଗୋଟାଏ ଜାଗାରେ ପଶି ମୋଟା ମାଲପାଣି ସାଙ୍ଗରେ ଗୁଡ଼ାଏ ସୁନା ଅଳଙ୍କାର ନେଇ ଆସିଥିଲି । ହଇରେ ଏ ପୋଲିସ ବାବୁଙ୍କର ଦୟାମାୟା ବୋଲି କିଛି ନାହିଁ କି ସଂଯମ ଗୁଣ ବି ନାହିଁ । ଠିକ୍ ଠଉରେଇ ମୋର ନିର୍ବନ୍ଧ ବେଳେ ଦେଇଥିବା କନ୍ୟା ବେକରୁ ତିନି ଭରି ସରିକି ହେବ, ସୁନା ମଙ୍ଗଳ ସୂତ୍ର ଓଟାରି ନେଇଗଲେ । ମତେ ବାନ୍ଧି ମୋ ଘର ଖାନତଲାସ କରି ମାଟିତଳେ ପୋତିଥିବା ଚାରିକିଲୋ ସୁନା ଅଳଙ୍କାର, ଘରେ, ବ୍ୟାଙ୍କରେ ରଖିଥିବା ଅଧକୋଟିଏ ଟଙ୍କା ସବୁ ହରିବୋଲ କରି ମୋ ଦାନାପାଣି ମାରି ଏଇଠି କହୁଛନ୍ତି ମାଗେଣା ଖାଇବୁ ରହ ! ତାଙ୍କୁ ଦୋଷ ଦେଉନି । ସବୁ ଦୋଷ ସେଇ ସିସି କ୍ୟାମେରା ଟିଭିର । ହେଲେ ମୁଁ ବୁଝିପାରୁନି, ସେତେବେଳେ ସମସ୍ତେ ଦୁଃଖ କଲାବେଳେ, ସେଇ ବଧୂବେଶଧାରୀ କନ୍ୟା କିଆଁ ଖୁସି ହେଉଥିଲା ?

-ବାବୁ ! ଏତିକି ବୁଝୁନା ? ସିଏ ଆଗୁଆ ଜାଣିଗଲା, ତମକୁ ବାହାହୋଇଥିଲେ ସେ ମାଆ ହୋଇପାରି ନ ଥାନ୍ତା । କାରଣ ତେମେ ତ ସବୁବେଳେ ନାଇଟ ଡିଉଟି କରିଥାନ୍ତ ନା !

-ଧେତ୍ ଚଗଲାଟା ! ହଉ କହିଲୁ ତୁ କିଆଁ ଆସିଛୁ ?

-ବାବୁ ! ମୁଁ ବଡ଼ ସାଦାସିଧା ଲୋକ । ପ୍ରବଳ ସଂଯମ ଗୁଣରେ ଗାଁର ଗୋଟେ ଝିଅକୁ ଭଲପାଇ, ବାପା-ବୋଉଙ୍କୁ ଭୁଲି ତା' ସହ ଆସି ସହରରେ ଭଡ଼ାଘରେ ରହୁଥିଲି । ସ୍ତ୍ରୀ କି ଏକୁଟିଆ ଛାଡ଼ି ସକାଳୁ ରାତି ନଅଟା ଯାଏ କାମରେ ବାହାରେ ରହୁଥିବାରୁ ତା' ଏକୁଟିଆପଣକୁ ଦେଖି ତା' ଅନୁରୋଧରେ ଗୋଟେ ଘଷା ଫୋନ୍ କିଣିଦେଲି । ମୁଁ ଜାଣିଥିଲି ସେଥିରେ ଗୀତ ଶୁଣିବ କି ମତେ ମୋ ଛୋଟ ଫୋନ୍‌ରେ କଥାହୋଇପାରିବ । ଶୁଣିଥିଲି ଏଇ ବଡ଼ ଫୋନ୍‌ରେ କେତେ କିଏ ସେଲ୍ଫି ନେଉନେଉ କି ରିଲ୍ କରୁ କରୁ ଅଜାଗାରେ ପଡ଼ି ମରୁଛନ୍ତି କି ଗପୁଗପୁ ଗାଡ଼ି ଧକ୍କାରେ ସିଧା ଯମ ପାଖକୁ ଯାଉଛନ୍ତି । ସେମିତି ନ କରିବାକୁ କହିଥିଲି । ହେଲେ ମୁଁ କ'ଣ ଜାଣିଥିଲି ଏଇ ଫୋନ୍‌ରେ ରଙ୍ଗ ନମ୍ବରରେ ଆସିଥିବା କଲ୍ ମୋ ଜୀବନକୁ କଲବଲ କରିବ, ସିଏ ରଙ୍ଗ ରାସ୍ତାରେ ଯାଇ ସଂଯମ ହରେଇବ ! ଥରେ ସଞ୍ଜବେଳେ ଘରେ ଆସି ଦେଖିଲି, ଦୁଆର ଭିତରୁ ଦିଆହୋଇଛି । ବାହାରେ କାହା ଦାମୀ ଜୋତା ଜଗିଛି । ଦୁଆର ବାଡ଼େଇ ଡାକିଲି, ହସ ଖୁସି ଶବ୍ଦ ଶୁଭିବା ସିନା ବନ୍ଦହେଲା, ମାତ୍ର ଦୁଆର ନ ଖୋଲିବାରୁ ଝରକା ଛିଦ୍ରରେ ଭଦ୍ର ଟୋକାର ଓ ମୋ ସ୍ତ୍ରୀର ଅସମ୍ଭାଳ ଅବସ୍ଥା ମତେ ବାୟା କରିଦେବାରୁ କଟୁରି ଚୋଟରେ ଦେଲି ସେଇ ପିଲାକୁ ଚୋଟେ । ନ ହେଲେ ତୁମକୁ ମୁଁ କାହିଁ ଏଇଠି ଭେଟେ ! ସତ କହୁଛି, ଏସବୁ ଦୋଷ ମୋର ନୁହଁ, ବରଂ ସେଇ ଘଷା ଫୋନ୍‌ର ।

-ଜାଣିଲୁ ନାରେଣା, ତୋର ସଂଯମ ଗୁଣ ବୋଲି ଜମା ନାହିଁ ମୁଁ ଦେଖୁଛି..!

ତୁ ଟିକେ ଇନ୍ଦ୍ରିୟ ସଂଯମ କ'ଣ କରିପାରିଲୁନି ? ହଉ ଛାଡ଼, ଏମିତି ହେବ ବୋଲି ମୁଁ ଜାଣିଥିଲି । ନାରେଣା ପଚାରିଲା କେମିତି ଜାଣିଲେ ? ନାଟୁଆବାବୁ କହିଲେ, ଯିଏ ମାତା-ପିତା ଭୁଲିପାରୁଛି, ସେ ପତି ଭୁଲିବନି.. କୋଉ ଗ୍ୟାରେଣ୍ଟି ? ନାରେଣା କହିଲା, ମୁଁ ବି ଜାଣିଛି ତମର ଏମିତି ହେବ ବୋଲି । କାରଣ ଯିଏ ସବୁ ଘରୁ କରେ ଚୋରି, ଦିନେନା ଦିନେ ସେଇ ଚୋର ଘରୁ ବି ହୋଇଥାଏ ଚୋରି । ହେଲେ ସେ ଯାହା ହେଉ ଏଇ ସିସି ଟିଭି କ୍ୟାମେରା ହେଉ କି ସ୍ମାର୍ଟ ଫୋନ୍ ହେଉ, ଏ ଆଧୁନିକ ଯନ୍ତ୍ରପାତି, ଆମ ଭଳିଆ ଭକତିଆ ଭାବର ଭଲଲୋକଙ୍କ ବେପାର ବୁଡ଼ାଉଛି ତ କେତେବେଳେ କାହା ସଂସାର ଉଜାଡୁଛି । ନହେଲେ କିଏ କାହାକୁ ପାରିଥାନ୍ତା ଧରି !! ଧେତେରିକି !


-ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଜୀବନର ଅନ୍ତରାଳରେ

**ଇଂ ଗୌରଚନ୍ଦ୍ର ମହାପାତ୍ର, ପ୍ରକାଶକ- ଶିଳାଶ୍ରୀ ପବ୍ଲିକେଶନ୍ ଭୀମଟାଙ୍ଗୀ, ଭୁବନେଶ୍ୱର-୨, ମୂଲ୍ୟ-୨୫୦ଟଙ୍କା**


କିଛି ସ୍ମୃତି ଜଡ଼ିତ ଘଟଣାକୁ ନେଇ ପ୍ରସ୍ତୁତ ଗୌରଚନ୍ଦ୍ର ମହାପାତ୍ରଙ୍କ ଲିଖିତ ପୁସ୍ତକ 'ଜୀବନର ଅନ୍ତରାଳରେ'। ୨୦୧୧ରୁ ଲେଖା ଆରମ୍ଭ କରନ୍ତି ଲେଖକ। ସେ ସମୟର ଧର୍ମ, ସାହିତ୍ୟ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ଲେଖାଯାଇଛି ଏହି ପୁସ୍ତକଟି। ସେହିପରି ସରକାରୀ କ୍ୱାର୍ଟର୍ସରେ ବିତିଯାଇଥିବା ଦିନଗୁଡ଼ିକର ନିଖୁଣ ଅନୁଭୂତି ବର୍ଣ୍ଣନା କରାଯାଇଛି। ରଣପୁର ଇତିହାସଠାରୁ ଆରମ୍ଭ କରି ନେପାଳ ପରିଭ୍ରମଣ, ବଡ଼ଦେଉଳର କଥା ଆଦିକୁ ବି ନିଖୁଣ ଭାବେ ଉପସ୍ଥାପନା କରାଯାଇଛି। ଏହି ଆତ୍ମ ଜୀବନୀରେ ଆହୁରି ଅନେକ କଥାକୁ ଲେଖକ ମହାପାତ୍ର ଉପସ୍ଥାପନା କରିଛନ୍ତି। ଏହା ଏକ ଅନୁଭୂତି ଭରା ଜୀବନୀ ପୁସ୍ତକ। ଏହି ଆତ୍ମ ଜୀବନୀର ଭବିଷ୍ୟତ ଉଜ୍ଜ୍ୱଳ ଏଥିରେ ସନ୍ଦେହ ନାହିଁ।




### ଭାବତରଙ୍ଗ

**ଅଧ୍ୟାପକ ବାସୁଦେବ ସ୍ୱାଇଁ, ପ୍ରକାଶକ- ଦିଲୀପ କୁମାର ବେଉରା ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨, ମୂଲ୍ୟ-୨୦୦ଟଙ୍କା**

ସଂକଳନରେ ୧୫୦ଟି କବିତା ସ୍ଥାନ ପାଇଛି। ଭାବତରଙ୍ଗ କବିତାର ନାମାନୁସାରେ ପୁସ୍ତକର ନାମକରଣ ହୋଇଛି। କାରଣ ତାଙ୍କ ଅନ୍ତରରେ ଶୁଦ୍ଧ ଭାବ ପ୍ରକାଶ ପାଇଛି। ସେହି ଭାବରୁ କବି ଜୀବନ ପ୍ରତି ଶ୍ରଦ୍ଧା ନିବେଦନ କରିଛନ୍ତି। ସମସ୍ତ କବିତା ଅନୁଶୀଳନ କଲେ ଜଣାଯାଏ କବି ହେଉଛନ୍ତି ଜୀବନବାଦୀ। ତାଙ୍କ କବିତାରେ ଅଛି ଜୀବନକୁ ଭଲ ପାଇବାର ଆହ୍ୱାନ। ଜୀବନ ହେଉଛି ସେହି ଅମୃତମୟ ଈଶ୍ୱରଙ୍କର ଉତ୍ସ। ତେଣୁ ଜୀବନକୁ ନାନା ଅନୈତିକ ଓ ଅସତ୍ କାର୍ଯ୍ୟରେ ନିୟୋଜିତ କରି ନଷ୍ଟ କରିବା ଉଚିତ୍ ନୁହେଁ ବୋଲି କବି କହିଛନ୍ତି। ଗାଁର ମଣିଷ ହୋଇଥିବାରୁ ତାଙ୍କ କବିତାର ଭୂମାଟି ହେଉଛି ଗାଁ। ଆଶା ପୁସ୍ତକଟି ନିଶ୍ଚୟ ପାଠକୀୟତା ଲାଭ କରିବ ।





ଏକ କିଶୋରୀର କାହାଣୀ

### ଆନି ଫ୍ରାଙ୍କର ଡାଏରି

**ଅନୁସୃଜନ:ଶାରଦା ରଥ, ପ୍ରକାଶକ- ଲିପିକା, ନିଜିଗଡ କୁରୁଝି ହରିରାଜପୁର, ଜଟଣୀ, ପୁରୀ- ୫୦, ମୂଲ୍ୟ-୩୦୦ଟଙ୍କା**

ଆନି ଫ୍ରାଙ୍କର ଡାଏରି ପୃଥିବୀର ବହୁ ପଠିତ ଏବଂ ବହୁ ଚର୍ଚ୍ଚିତ ପୁସ୍ତକ ମଧ୍ୟରେ ଅନ୍ୟତମ। ଆନିର ତ୍ରୟୋଦଶତମ ଜନ୍ମଦିନରେ ତାକୁ ଏକ ଡାଏରୀ ଉପହାର ସ୍ୱରୂପ ମିଳିଥିଲା। ସେହି ଡାଏରୀରେ ସେ ୧୨.୦୬.୧୯୪୨ରୁ ୧ ଅଗଷ୍ଟ ୧୯୪୪ ପର୍ଯ୍ୟନ୍ତ ଅଜ୍ଞାତବାସ ସମୟର ଘଟଣାବଳୀ ଲିପିବଦ୍ଧ କରିଥିଲା। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ମାନବଜାତି ଉପରେ ତାର ପ୍ରଭାବ ସମ୍ପର୍କରେ ଏକ ହୃଦୟ ବିଦାରକ ଇତିବୃତ୍ତ। ଜୀବନପ୍ରତି ସଦା ଭୟ ଜର୍ଜରିତ ହୋଇ ଏହି ଡାଏରିରେ ଅତି ବିଶ୍ୱସ୍ତ ଭାବେ ସେଦିନର ଆତ୍ମ ଚରିତ ଭଳି ଲେଖିଛି ତା'ର ମନ ଗହନର କଥା। ଆନିର ଏ ହୃଦୟ ବିଦାରକ କାହାଣୀ ଓଡ଼ିଆ ପାଠକଙ୍କୁ ଚମତ୍କୃତ କରିବ ଏଥିରେ ସନ୍ଦେହ ନାହିଁ।



ବ୍ୟାକ୍ ପେଜ୍


# ଅଣ୍ଡା ମସାଜ୍

**ଜେ**ଜେମା'ମାନେ ଶିଶୁଙ୍କୁ ତେଲ ମାଲିସ୍ କରୁଥିବା ଆମେ କାହିଁ କେବେଠାରୁ ଦେଖିଆସିଛୁ। ଏହାଦ୍ୱାରା ଶିଶୁଙ୍କ ମାଂସପେଶୀ ଓ ହାଡ ଶକ୍ତ ହୁଏ ବୋଲି ବିଶ୍ୱାସ ରହିଛି। ଯଦିଓ ଆଜିକାଲି ଡାକ୍ତର ଏହା କରିବାକୁ ମନା କରୁଛନ୍ତି। ତଥାପି ଆଜି ବି ଅନେକ ଘରେ ଜେଜେମା'ମାନେ ନାତି ନାତୁଣୀଙ୍କୁ ଭଲଭାବେ ତେଲରେ ମାଲିସ୍ କରିଥାନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଚାଇନାରେ ଏକ ଅଜବ ପ୍ରକାରର ମାଲିସ୍ ବା ମସାଜ୍ କରାଯାଉଛି। ସେ ହେଉଛି ଅଣ୍ଡା ମାଲିସ୍। ଅର୍ଥାତ୍ ଚାଇନାରେ ଛୋଟ ପିଲାଙ୍କୁ ସିଝା ଅଣ୍ଡାରେ ମାଲିସ୍ କରାଯାଏ। ସେ ପୁଣି ପିଲାଙ୍କର ଚୁଟି କଟା ହେବାପରେ ମୁଣ୍ଡକୁ ମାଲିସ୍




କରାଯାଏ। ଚାଇନାର ଦ୍ୱିତୀୟ ଚାନ୍ଦମାସର ଦ୍ୱିତୀୟ ଦିନରେ ଯଦି ପିଲାଙ୍କର କେଶ କଟା ଯାଇଥାଏ, ତେବେ ପିଲାଙ୍କର ମୁଣ୍ଡକୁ ସିଝା ଅଣ୍ଡାରେ ମାଲିସ୍ କରିବାର ପ୍ରଥା ରହିଛି। ଏହାର କାରଣ କ'ଣ ଜଣା ନାହିଁ, କିନ୍ତୁ ଏହି ପ୍ରଥା କାହିଁ କେବେଠୁ ଚାଲି ଆସୁଛି।





# ପାହାଡ଼ରେ ଝୁଲି ରହିଛି ମନ୍ଦିର





**ପା**ହାଡ ଉପରେ ଥିବା ଅନେକ ମନ୍ଦିର ସମ୍ପର୍କରେ ଜାଣିଥିବେ ଓ ସେଠିକି ଯାଇଥିବେ ମଧ୍ୟ। ହେଲେ କେବେ ପାହାଡରେ ଝୁଲି ରହିଥିବା ମନ୍ଦିର ବିଷୟରେ ଶୁଣିଛନ୍ତି? ଭାବୁଥିବେ ଏହା କେମିତି ସମ୍ଭବ। ହେଲେ ଏମିତି ଏକ ମନ୍ଦିର ଅଛି ଚାଇନାର ସାଞ୍ଜୀର ହ୍ୟାଙ୍ଗ ମାଉଣ୍ଟେନ୍‌ରେ। ଏହା ଅଜବଭାବେ ପାହାଡରେ ଝୁଲି ରହିଛି। ତେଣୁ ଏହା ହ୍ୟାଙ୍ଗିଙ୍ଗ ମୋନାଷ୍ଟରୀ ନାମରେ ବି ପରିଚିତ। କୁହାଯାଏ ୧୫୦୦ ବର୍ଷ ପୁରାତନ ଏହି ମନ୍ଦିରକୁ ବନ୍ୟାରେ ପ୍ରଭାବିତ ନ ହେବା ଓ ଝଡ ତୋଫାନରେ ବି ସୁରକ୍ଷିତ ରହିବା ଲାଗି ନିର୍ମାଣ କରାଯାଇଥିଲା। ଦତୋଙ୍ଗ ସହରର ଏ ହେଉଛି ଏକ ଐତିହାସିକ ସ୍ଥଳ। ମନ୍ଦିରର ସଂରଚନାକୁ ଓକ୍‌ର କ୍ରସ୍‌ବିମ୍ବରେ ଫିଟ୍ କରାଯାଇଛି। ଆଉ ପାହାଡର ମଝି ଭାଗରେ ଲୁହା ଖମ୍ଭରେ ମନ୍ଦିରଟି ଝୁଲି ରହିଛି। ଉକ୍ତ ମନ୍ଦିରରେ ଚାଇନାର ତିନୋଟି ପରମ୍ପରା ଯେମିତିକି ବୌଦ୍ଧ ଧର୍ମ, ତାଓ ଏବଂ କନ୍ଫୁଶିବାଦର ମିଶ୍ରଣ ଦେଖିବାକୁ ମିଳେ। ଏହି ତିନିଧର୍ମର ପ୍ରାୟ ୮୦ଟି ପ୍ରତିମୂର୍ତ୍ତି ଏଠାରେ ରହିଛି। ମନ୍ଦିରର ନିର୍ମାଣ କାର୍ଯ୍ୟର ଆରମ୍ଭ ଉତ୍ତରର ୱେଇ ସାମ୍ରାଜ୍ୟର ଅନ୍ତ ସମୟରେ ଲିଓ ରୈନ୍ ନାମକ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିଲା। ଆଉ ଏହା ଏଭଳି ଅଜବ ଉପାୟରେ ନିର୍ମିତ ହୋଇଛି

ଯେ, ତାହା ଚାଇନାର ସ୍ଥପତିଙ୍କ ପାଇଁ ଏକ ଗବେଷଣାର ସ୍ଥାନ ପାଲଟିଛି। ମନ୍ଦିରରେ ପ୍ରାୟ ୪୦ଟି ଅଲଗା-ଅଲଗା କୋଠରି ଅଛି। ଆଉ ସେସବୁ ପରସ୍ପର ସହ ଅନେକ କରିଡର, ବ୍ରିଜ୍ ଓ ୱାକ୍‌ୱେ ଦ୍ୱାରା ସଂଯୁକ୍ତ ହୋଇଛି। ମନ୍ଦିରକୁ ପହଞ୍ଚିବା ପାଇଁ ଲୁହା ଓ କାଠର ଶିଡ଼ି ତିଆରି କରାଯାଇଛି। ଏହାକୁ ଦେଖିବା ପାଇଁ ଏସିଆର ଅନେକ ଦେଶ ସହ ୟୁରୋପରୁ ବି ପର୍ଯ୍ୟଟକ ଆସନ୍ତି।

# ବିନା ବିଜୁଳିରେ ଆଲୋକିତ ଏହି ହୋଟେଲ

**କ୍ୟା**ଣ୍ଡେଲ ଲାଇଟ ଡିନର୍ ସହ ଜୟପୁରର ସୌନ୍ଦର୍ଯ୍ୟ ଖୁବ୍ ନିକଟରୁ ଉପଭୋଗ କରିବାକୁ ଚାହୁଁଥିଲେ ଏହି ସୁନ୍ଦର ହୋଟେଲ ବେଷ୍ଟ ଅପ୍ସନ। ଆଖି ଝଲସେଇ ଦେବାଭଳି କାଚର କାରୁକାର୍ଯ୍ୟ ହୋଇଥିବା ଏହି ହୋଟେଲର ଚାରିଆଡ କ୍ୟାଣ୍ଡେଲର ଶୀତଳ ଆଲୋକରେ ଆଲୋକିତ ହୋଇଥାଏ। ଯାହାକି ସ୍ୱର୍ଗର ଅନୁଭୂତି ଦିଏ। ଗୋଲାପୀ ସହର ଜୟପୁରରେ ଥିବା ଏହି ହୋଟେଲକୁ ଗଲେ ରାଜକୀୟ ଅନୁଭୂତି ସହ ଦିବ୍ୟ ଅନୁଭୂତି ମିଳିବ। ହୋଟେଲଟିର ନାଁ ହେଉଛି ମୋହନ ମହଲ ରେଷ୍ଟୁରାଣ୍ଟ। କାଚ ଖଣ୍ଡରେ ସୁସଜ୍ଜିତ ଏହାର କାନ୍ଥ, ସିଲିଂ ଦେଖିଲେ ଆପଣଙ୍କୁ ଆକବରଙ୍କ ଦରବାରରେ ଅନାରକଲି ନାଚିବାବେଳେ କାଚରେ ଯେଉଁଭଳି ପ୍ରତିଛବି ଦେଖାଯାଉଥିଲା ସେ କଥା ମନେ ପଡ଼ିଯିବ। କାଚର କାରୁକାର୍ଯ୍ୟ ବାଦ୍ ରେଷ୍ଟୁରାଣ୍ଟଟି ଆଉ ଏକ କାରଣରୁ ବି ବେଶ୍ ଚର୍ଚ୍ଚାରେ। ତାହା ହେଉଛି ଉକ୍ତ ରେଷ୍ଟୁରାଣ୍ଟ ପୃଥିବୀର ସର୍ବପ୍ରଥମ ବିନା ବିଜୁଳିରେ ଚାଲୁଥିବା ରେଷ୍ଟୁରାଣ୍ଟର ମାନ୍ୟତା ପାଇଛି। କାରଣ ଏହି ରେଷ୍ଟୁରାଣ୍ଟର କୋଣ ଅନୁକୋଣ ଶିଶ୍ ମହଲ ବା କାଚର ମହଲ ଭଳି। ଆଉ କେବଳ କ୍ୟାଣ୍ଡେଲ ଜଳାଇ ହିଁ ଏହାକୁ ଆଲୋକିତ କରାଯାଏ। ଏଠାକାର ଖାଦ୍ୟ ବି ବେଶ୍ ସ୍ୱାଦିଷ୍ଟ। ରାଜା ମହାରାଜା ଯେଉଁ ଖାଦ୍ୟ ଖାଉଥିଲେ ତାକୁ ଏଠି ଗ୍ରାହକମାନେ ଖାଇପାରିବେ।


The Yum List